ବର୍ଷ-୨୬, ସଂଖ୍ୟା-୧୬୫
ଭୁବନେଶ୍ୱର
୨୧, ଜୁନ ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 165
Bhubaneswar
21, June, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଜି
ଆନ୍ତର୍ଜାତିକ
ଯୋଗଦିବସ

# ୪୭,୬୦୦ କୋଟିର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ




## ● ପୂର୍ବ ଭାରତ ଏବେ ପ୍ରଗତିର ପ୍ରବେଶଦ୍ୱାର, ଓଡ଼ିଶାକୁ ୨୦ ଲକ୍ଷ କୋଟିର ନିବେଶ ପ୍ରସ୍ତାବ: ମୋଦୀ
## ● ରାଷ୍ଟ୍ରପତି ମୁର୍ମୁଙ୍କ ଗାଁ ପାହାଡ଼ପୁରକୁ 'ସୂର୍ଯ୍ୟ ଗ୍ରାମ' ଭାବେ ବିକଶିତ କରିବାର ଘୋଷଣା

ରାଇରଙ୍ଗପୁର/ଭୁବନେଶ୍ୱର, ୨୦।୬(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, କଂଗ୍ରେସ ଶାସନ କାଳରେ ପଛୁଆପଣର ପ୍ରତୀକ ଭାବେ ଚିହ୍ନିତ ପୂର୍ବ ଭାରତ ଏବେ ଦେଶର ପ୍ରଗତି ଓ ବିକାଶର ପ୍ରବେଶଦ୍ୱାର ହେଉଛି। ସେ କହିଛନ୍ତି ଯେ, ଓଡ଼ିଶାରେ ଭାଜପା ସରକାର ରାଜ୍ୟର ସମ୍ପଦକୁ ସମ୍ଭାବନାରେ ପରିଣତ କରୁଛନ୍ତି ଏବଂ 'ଉତ୍କର୍ଷ ଓଡ଼ିଶା' ପ୍ରୟାସ ଅଧୀନରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ ବର୍ଷଗୁଡ଼ିକରେ ଓଡ଼ିଶା ଦେଶର ଆର୍ଥିକ ପ୍ରଗତି ଏବଂ ବିକଶିତ ଭାରତ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିବ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସମାରୋହରେ ୪୭,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡା. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ପ୍ରଭାତୀ ପରିଡା, ମନ୍ତ୍ରୀ ଗଣେଶରାମ ସିଂହଖୁଣ୍ଟିଆ, ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ନବ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ସାଂସଦ ବୈଜୟନ୍ତ ପଣ୍ଡା ସହିତ ଅନେକ ଜନପ୍ରତିନିଧି ଓ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣର ଆରମ୍ଭରେ ରାଷ୍ଟ୍ରପତି ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ, ମୟୂରଭଞ୍ଜର ଝିଅ ଆଜି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଧିଷ୍ଠିତ ହୋଇଛନ୍ତି, ଯାହା ସମଗ୍ର ଓଡ଼ିଶା ଏବଂ ଦେଶ ପାଇଁ ଗର୍ବର ବିଷୟ।

ମୋଦୀ କହିଥିଲେ ଯେ, ସେ ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁରକୁ ଯାଇ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବାର ସୁଯୋଗ ପାଇଥିଲେ। ସେ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ଥାପିତ ବିଦ୍ୟାଳୟକୁ ମଧ୍ୟ ଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ସଂବାଦ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପିଲାମାନେ ରାଷ୍ଟ୍ରପତିଙ୍କୁ ତାଙ୍କ ପାଇଁ "ମା'" ବୋଲି କହିଥିଲେ, ଯାହା ତାଙ୍କ ପ୍ରତି ଲୋକମାନଙ୍କର ଗଭୀର ସ୍ନେହ ଏବଂ ଆତ୍ମୀୟତାର ପ୍ରତୀକ।

ପ୍ରଧାନମନ୍ତ୍ରୀ ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁଙ୍କ ଗାଁ ପାହାଡ଼ପୁରକୁ 'ସୂର୍ଯ୍ୟ ଗ୍ରାମ' ଭାବେ ବିକଶିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। ସେ କହିଥିଲେ ଯେ, ଏହି ପ୍ରକଳ୍ପ ଅଧୀନରେ ଗାଁକୁ ସୌର ଶକ୍ତି ଆଧାରିତ ଆତ୍ମନିର୍ଭର ମଡେଲ୍ ଗ୍ରାମ ଭାବେ ବିକଶିତ କରାଯିବ। ଏହା ମାଧ୍ୟମରେ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହନ ମିଳିବ, ଗ୍ରାମବାସୀଙ୍କୁ ବିଭିନ୍ନ ସୁବିଧା ଉପଲବ୍ଧ ହେବ ଏବଂ ସ୍ଥାନୀୟ ସ୍ତରରେ ରୋଜଗାର ଓ ଉଦ୍ୟମୀତାର ସୁଯୋଗ ବୃଦ୍ଧି ପାଇବ। ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ, ଆଗାମୀ ବର୍ଷଗୁଡ଼ିକରେ ପାହାଡ଼ପୁର ଦେଶ ପାଇଁ ସୌର ଶକ୍ତିର ଏକ ଆଦର୍ଶ ମଡେଲ୍ ହେବ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ସ୍ପଷ୍ଟ ଦୃଷ୍ଟିକୋଣ ହେଉଛି—ପୂର୍ବ ଭାରତର ବିକାଶ ବିନା ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ନାହିଁ। ଏହି ଚିନ୍ତାଧାରା ସହିତ 'ପୂର୍ବୋଦୟ' ନୀତି ଅନୁସାରେ କାର୍ଯ୍ୟ ହେଉଛି। କଂଗ୍ରେସ ଶାସନ କାଳରେ ପୂର୍ବ ଭାରତକୁ ପଛୁଆପଣର ପ୍ରତିଶବ୍ଦ କରି ଦିଆଯାଇଥିଲା , କିନ୍ତୁ ଏବେ ଏହା ବିକାଶ ଏବଂ ନିବେଶର ନୂତନ କେନ୍ଦ୍ର ଭାବେ ଉଭା ହେଉଛି।

ସେ କହିଥିଲେ ଯେ, ୨୦୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନର ୧୦୦ ବର୍ଷ ପୂରଣ ହେବ ଏବଂ ୨୦୪୭ ମସିହାରେ ଭାରତର ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ। ଏହି ପରିପ୍ରେକ୍ଷି ରେ ଓଡ଼ିଶା ଏବଂ ଭାରତ ଉଭୟଙ୍କ ବିକାଶ ଲକ୍ଷ୍ୟ ଏକାପରି ଭାବେ ଜଡିତ। ଯଦି ଓଡ଼ିଶା ଶକ୍ତିଶାଳୀ ହେବ, ତେବେ ଭାରତ ମଧ୍ୟ ଶକ୍ତିଶାଳୀ ହେବ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ଉନ୍ନତିର ନୂତନ ଅଧ୍ୟାୟ ଲେଖୁଛି। ରାଜ୍ୟରେ ନିବେଶ ପାଇଁ ପରିବେଶ ଅଧିକ ସୁଦୃଢ଼ ହୋଇଛି ଏବଂ ବିଭିନ୍ନ କ୍ଷେତ୍ରରେ ନିରନ୍ତର ପୁଞ୍ଜି ନିବେଶ ଆସୁଛି। ସେ ସୂଚନା ଦେଇଥିଲେ ଯେ, 'ଉତ୍କର୍ଷ ଓଡ଼ିଶା' ପ୍ରୟାସ ଅଧୀନରେ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି, ଯାହା ଶିଳ୍ପ ବିକାଶ, ରୋଜଗାର ସୃଷ୍ଟି ଏବଂ ଆର୍ଥିକ ପ୍ରଗତିକୁ ନୂତନ ଦିଗ ଦେବ।ସେ କହିଥିଲେ ଯେ, କେବଳ ଉର୍ଜା କ୍ଷେତ୍ରରେ ମାତ୍ର ପ୍ରାୟ ୬ ହଜାର କୋଟି ଟଙ୍କାର ନିବେଶ ଆସିଛି, ଯାହା ରାଜ୍ୟର ଶକ୍ତି କ୍ଷମତାକୁ ସୁଦୃଢ଼ କରିବ ଏବଂ ଶିଳ୍ପଗୁଡ଼ିକୁ ନୂତନ ଗତି ଦେବ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ତାଙ୍କ ଗସ୍ତ ସମୟରେ ଯେଉଁ ପ୍ରକଳ୍ପଗୁଡ଼ିକର ଉଦଘାଟନ ଏବଂ ଶିଳାନ୍ୟାସ କରାଯାଇଛି, ସେଗୁଡ଼ିକରେ ପ୍ରାୟ ୪୭ ହଜାର କୋଟି ଟଙ୍କା ବ୍ୟୟ ହେବ। ଏହି ପ୍ରକଳ୍ପଗୁଡ଼ିକ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଶିଳ୍ପ ବିସ୍ତାର କରିବ, ଉର୍ଜା ଉତ୍ପାଦନ କ୍ଷମତା ବଢ଼ାଇବ ଏବଂ ଯୁବବର୍ଗଙ୍କ ପାଇଁ ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉତ୍ତମ ସମନ୍ୱୟ ଦ୍ୱାରା ଉନ୍ନୟନ ଯୋଜନାଗୁଡ଼ିକର ଲାଭ ସିଧାସଳଖ ଭାବେ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚୁଛି ଏବଂ ଓଡ଼ିଶା ଦେଶର ସବୁଠାରୁ ଦ୍ରୁତ ଅଗ୍ରଗତିଶୀଳ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଡବଲ୍ ଇଞ୍ଜିନ୍ ସରକାରର ନୀତିର ଲାଭ ସମାଜର ସମସ୍ତ ବର୍ଗ ପର୍ଯ୍ୟନ୍ତ ପହଞ୍ଚୁଛି। ମହିଳା ସଶକ୍ତିକରଣ ପାଇଁ 'ସୁଭଦ୍ରା ଯୋଜନା' ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ 'ଆୟୁଷ୍ମାନ ଭାରତ ଯୋଜନା'ର ଲାଭ ଏବେ ରାଜ୍ୟବାସୀ ପାଇପାରୁଛନ୍ତି।ସେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଓଡ଼ିଶାର ସଫଳତାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସରକାରକୁ ଅଭିନନ୍ଦନ ଜଣାଇଛନ୍ତି। ସେହି ସହିତ ଆଦିବାସୀ ସମୁଦାୟର ସମଗ୍ର ବିକାଶ ପାଇଁ କେନ୍ଦ୍ର ସରକାର 'ପିଏମ୍ ଜନମନ ଯୋଜନା' ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ସୁବିଧା ବିସ୍ତାର କରୁଛି ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ସାନ୍ତାଳୀ ଭାଷା ଓ ସଂସ୍କୃତିର ମହାନ ପ୍ରବର୍ତ୍ତକ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ମଧ୍ୟ ଶ୍ରଦ୍ଧାପୂର୍ବକ ସ୍ମରଣ କରି 'ଓଲ୍ ଚିକି' ଲିପିର ବିକାଶକୁ ଭାରତୀୟ ସାଂସ୍କୃତିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ଉଲ୍ଲେଖ କରିଛନ୍ତି।ମୋଦୀ ମୟୂରଭଞ୍ଜ ଜିଲ୍ଲା ପାଇଁ ଆଉ ଏକ ନବୋଦୟ ବିଦ୍ୟାଳୟ ସ୍ଥାପନାକୁ ଅନୁମୋଦନ ଦେବାର ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହା ଫଳରେ ଅଞ୍ଚଳର ଛାତ୍ରଛାତ୍ରୀମାନେ ଉଚ୍ଚ ଗୁଣମାନର ଶିକ୍ଷାର ଅଧିକ ସୁଯୋଗ ପାଇବେ।

ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣର ଶେଷରେ ୨୧ ଜୁନ୍ ଅନ୍ତର୍ଜାତୀୟ ଯୋଗ ଦିବସର ଉଲ୍ଲେଖ କରି କହିଛନ୍ତି ଯେ ଯୋଗ ଓଡ଼ିଶାର ସାଂସ୍କୃତିକ ପରମ୍ପରାର ଅଂଶ। ସେ ସାରା ଦେଶ ଓ ବିଶ୍ୱର ଲୋକଙ୍କୁ ଅଧିକ ସଂଖ୍ୟାରେ ଯୋଗ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି।

# ଗାଁକୁ ଭୁଲି ନାହିଁ: ରାଷ୍ଟ୍ରପତି

ଭୁବନେଶ୍ୱର, ୨୦।୬(ମହାଭାରତ): ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦବୋଧନ । ସମ୍ବୋଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଛନ୍ତି ରାଷ୍ଟ୍ରପତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି ମହାମହିମ । କହିଛନ୍ତି କି, ଦେଶ ପ୍ରତି ତାଙ୍କର ଭଲ ପାଇବା ପାଇଁ ଧନ୍ୟବାଦ ଜଣାଉଛି । ମୟୂରଭଞ୍ଜ ପାଇଁ ଉନ୍ନତି ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରାଯାଇଛି। ପ୍ରଧାନମନ୍ତ୍ରୀ ମୋର ଛୋଟ ଗାଁ ପାହାଡପୁରକୁ ଆସିଥିବାରୁ କୃତଜ୍ଞତା ଜଣାଉଛି। ଜନଜାତିଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଅନେକ ଉପହାର ଭେଟି ଦେଇଛନ୍ତି ।



ଏହାଦ୍ୱାରା ସ୍ଥାନୀୟ ଜନଜାତି ଲୋକେ ବେଶ୍ ଉପକୃତ ହେବେ। ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇ ମୋଦୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ସମୟ ଶାସନରେ ରହିବା ନେଇ ଅଭିନନ୍ଦନ ଜଣାଉଛି। ପ୍ରଧାନମନ୍ତ୍ରୀଙ୍କ ଦୁରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ବିଶ୍ୱରେ ସମ୍ମାନ ବଢ଼ିଛି । କୋଭିଡ ମହାମାରୀ ସମୟରେ ସାରା ବିଶ୍ୱକୁ ଟୀକା ପ୍ରଦାନ କରି କୋଟିକୋଟି ଲୋକଙ୍କର ଜୀବନ ବଞ୍ଚାଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟକୁ ବହୁତ ପୁଞ୍ଜି ଆସିଛି। ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନିରବଚ୍ଛିନ୍ନ ଉଦ୍ୟମ କରୁଛନ୍ତି। ଜନଜାତି ଲୋକଙ୍କ ଜୀବନ ଶୈଳୀକୁ ଅନୁସରଣ କରିବା ଉଚିତ ବୋଲି ସେ କହିଛନ୍ତି। କୌଣସି ଜାତି ନିଜ ସଂସ୍କୃତିର ମୌଳିକତାରୁ ଭୂଲି ଗଲେ ନିଜର ଅସ୍ତିତ୍ୱ ହରାଇ ବସିବ । ଯେକୌଣସି ଜାତି ଓ ସମାଜ ଆଧୁନିକତାର ସହିତ ନିଜର ସାଂସ୍କୃତିକ ମୌଳିକତାକୁ ବଞ୍ଚାଇ ରଖିଲେ ସମୃଦ୍ଧ ହୋଇପାରିବ । ରାଷ୍ଟ୍ରପତି କହିଛନ୍ତି, ମୁଁ ଯେଉଁଠି ବି ଥାଏ ନିଜ ଗାଁକୁ ଭୁଲି ନାହିଁ । ସବୁବେଳେ ନିଜ ଅଞ୍ଚଳ ପାଇଁ କିଛି କରିବାକୁ ଚେଷ୍ଟା ଜାରି ରଖିଛି । ଆଜି ମୟୁରଭଞ୍ଜ ରାଇରଙ୍ଗପୁରରେ ଆୟୋଜିତ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗ ଦେଇ ଏହା କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

ଆଜି ଉଦଘାଟିତ ହୋଇଥିବା ପ୍ରକଳ୍ପ ପାଇଁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୟୁରଭଞ୍ଜର ରାଇରଙ୍ଗରେ ଉଦଘାଟିତ ପ୍ରକଳ୍ପ ଗୁଡ଼ିକ କେବଳ ବିକାଶର ପ୍ରତୀକ ନୁହେଁ ବରଂ ସାମାଜିକ ନ୍ୟାୟ, ସମାନ ସୁଯୋଗ ଏବଂ ସମସ୍ତଙ୍କ ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କର ଅଙ୍ଗୀକାର ବଦ୍ଧତାର ପ୍ରମାଣ । ଯେତେବେଳେ ପ୍ରଗତିର ସୁଫଳ ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ପରିବାର ଏବଂ ପ୍ରତ୍ୟେକ ନାଗରିକଙ୍କ ନିକଟରେ ପହଁଚେ, ସେତେବେଳେ ପ୍ରଗତିର ଯଥାର୍ଥତା ପ୍ରତିପାଦନ ହୁଏ । ପ୍ରଧାନମନ୍ତ୍ରୀ ଯେତେବେଳେ ମୋ ଗାଁ ପାହାଡ଼ପୁରକୁ ଯାଇଥିଲେ ସେତେବେଳେ ତାଙ୍କର ଗାଁ ପ୍ରତି, ମାଟି ପ୍ରତି ଏବଂ ଜନତାଙ୍କ ପ୍ରତି ତାଙ୍କର ଆତ୍ମୀୟତା ପରିଲକ୍ଷିତ ହୋଇଛି । ସେହିପରି ପାହାଡ଼ପୁର ଗ୍ରାମକୁ ସୂର୍ଯ୍ୟଗ୍ରମ କରିବାକୁ ଘୋଷଣା କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ରାଷ୍ଟ୍ରପତି ଧନ୍ୟବାଦ ଜଣାଇଛନ୍ତି । ରାଇରଙ୍ଗପୁରରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଉଦଘାଟିତ ହେବା ଦ୍ୱାରା ମୟୁରଭଞ୍ଜ ଜିଲ୍ଲାର ଲୁକାୟିତ ପ୍ରତିଭା ବିକଶିତ ହେବ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଅଂଶ ଗ୍ରହଣ କରି ଦେଶ ପାଇଁ ସୁନାମ ଆଣିପାରିବେ । ରାଷ୍ଟ୍ରପତି କହିଛନ୍ତି କୌଣସି ଜାତି ନିଜ ସଂସ୍କୃତିର ମୌଳିକତାରୁ ଭୂଲି ଗଲେ ନିଜର ଅସ୍ତିତ୍ୱ ହରାଇ ବସିବ । ଯେକୌଣସି ଜାତି ଓ ସମାଜ ଆଧୁନିକତାର ସହିତ ନିଜର ସାଂସ୍କୃତିକ ମୌଳିକତାକୁ ବଞ୍ଚାଇ ରଖିଲେ ସମୃଦ୍ଧ ହୋଇପାରିବ । ଆଦିବାସୀଙ୍କ ସଂସ୍କୃତିକୁ ବଜାୟ ରଖିବାକୁ କେନ୍ଦ୍ର ସରକାର ନେଉଥିବା ପଦକ୍ଷେପକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ମୁଁ ଯେଉଁଠି ବି ଥାଏ ନିଜ ଗାଁକୁ ଭୁଲି ନାହିଁ । ସବୁବେଳେ ନିଜ ଅଞ୍ଚଳ ପାଇଁ କିଛି କରିବାକୁ ଚେଷ୍ଟା ଜାରି ରଖିଛି ।



ରାଷ୍ଟ୍ରପତିଙ୍କ ଗାଁ ବୁଲିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

# ରାଜ୍ୟକୁ ନୂତନ ଦିଗ ଦେବା ପାଇଁ ଆମ ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ରାଇରଙ୍ଗପୁର/ଭୁବନେଶ୍ୱର, ୨୦।୬(ମହାଭାରତ): ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ରାଇରଙ୍ଗପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଜନକଲ୍ୟାଣ, ସୁଶାସନ, ଶିଳ୍ପ ବିକାଶ ଓ ସାମାଜିକ ନ୍ୟାୟ ମାଧ୍ୟମରେ ରାଜ୍ୟକୁ ଏକ ନୂତନ ଦିଗ ପ୍ରଦାନ କରିବା ପାଇଁ ତାଙ୍କ ସରକାର ଦୃଢ଼ ପ୍ରତିବଦ୍ଧ। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିବସ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିକୁ ସେ ଓଡ଼ିଶା ପାଇଁ ଏକ ଐତିହାସିକ ଓ ଗୌରବମୟ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି ।

ନିଜର ସ୍ୱାଗତ ଅଭିଭାଷଣରେ ମୁଖ୍ୟମନ୍ତ୍ରୀରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ୬୮ତମ ଜନ୍ମଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ତାଙ୍କ ଜୀବନ ତ୍ୟାଗ, ସେବା ଓ ସମର୍ପଣର ଏକ ଅଦ୍ୱିତୀୟ ଉଦାହରଣ। ମୟୂରଭଞ୍ଜ ଜିଲ୍ଲାର ଏକ ସାଧାରଣ ଆଦିବାସୀ ଗ୍ରାମରୁ ଜୀବନ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହେବା ତାଙ୍କର କର୍ମନିଷ୍ଠା, ଜନସେବା ପ୍ରତି ନିଷ୍ଠା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅତୁଟ ବିଶ୍ୱାସର ପ୍ରତିଫଳନ ବୋଲି ସେ କହିଥିଲେ ।ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଦେଶର କୋଟି କୋଟି ମହିଳାଙ୍କ ପାଇଁ ପ୍ରେରଣାର ଏକ ଉଜ୍ଜଳ ଉତ୍ସ ବୋଲି ଅଭିହିତ କରିବା ସହ ତାଙ୍କର ଦୀର୍ଘାୟୁ, ସୁସ୍ଥ ଓ ସୁଖମୟ ଜୀବନ କାମନା କରିଥିଲେ।

ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଓଡ଼ିଶା ପ୍ରତି ତାଙ୍କର ବିଶେଷ ସ୍ନେହ, ଭରସା ଓ ସହଯୋଗ ରାଜ୍ୟର ସବୁଠାରୁ ବଡ଼ ପୁଞ୍ଜି। ସେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଶପଥ ଗ୍ରହଣ ସମାରୋହଠାରୁ ଆରମ୍ଭ କରି ପ୍ରଥମ ଓ ଦ୍ୱିତୀୟ ବର୍ଷପୂର୍ତ୍ତି ଅବସର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆଠ ଥର ଓଡ଼ିଶା ଗସ୍ତ କରିଛନ୍ତି ଏବଂ ପ୍ରତ୍ୟେକ ଗସ୍ତରେ ରାଜ୍ୟ ପାଇଁ ବିକାଶର ନୂତନ ଉପହାର ନେଇ ଆସିଛନ୍ତି।ସେ କହିଥିଲେ ଯେ, ଗତ ୧୨ ବର୍ଷମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସେବା, ସୁଶାସନ ଓ ଜନକଲ୍ୟାଣରେ ଏକ ନୂତନ ସଂଜ୍ଞା ସୃଷ୍ଟି କରିଛନ୍ତି। ୨୦୧୪ ପରଠାରୁ ଆରମ୍ଭ ହୋଇଥିବା ବିଭିନ୍ନ ଜନହିତକର ଯୋଜନାର ସୁଫଳ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ପହଂଚିଛି। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତାର ଉଲ୍ଲେଖ କରି ସେ କହିଥିଲେ ଯେ,



ଆଜି ଦେଶର ପ୍ରତ୍ୟେକ ନାଗରିକଙ୍କ ଜୀବନରେ ବିକାଶ ଓ ପରିବର୍ତ୍ତନର ସ୍ପଷ୍ଟ ଛାପ ପରିଲକ୍ଷିତ ହେଉଛି।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଗତ ଦୁଇ ବର୍ଷ ମଧ୍ୟରେ ଦ୍ରୁତ ଗତିରେ କାର୍ଯ୍ୟ କରି ମହିଳା, କୃଷକ, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଏବଂ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାଗୁଡ଼ିକ ମଧ୍ୟରେ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, କୃଷକ ସମୃଦ୍ଧି ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଏବଂ ଆୟୁଷ୍ମାନ ଭାରତ ଯୋଜନା ପ୍ରମୁଖ।ସେ ସୂଚନା ଦେଇଥିଲେ ଯେ, ରାଜ୍ୟ ସରକାର ନିକଟରେ କିଣ୍ଡରଗାର୍ଟେନ (କେଜି) ଠାରୁ ସ୍ନାତକୋତର (ପିଜି) ସ୍ତର ପର୍ଯ୍ୟନ୍ତ ଶିକ୍ଷାକୁ ସମ୍ପୂର୍ଣ୍ଣ ନିଃଶୁଳ୍କ କରିବା ପାଇଁ ଏକ ଐତିହାସିକ ନିଷ୍ପତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁସାରେ, ଏଭଳି ପଦକ୍ଷେପ ନେବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହେବା ଦିଗରେ ଅଗ୍ରସର ହେଉଛି। ସେ ଆହୁରି କହିଥିଲେ ଯେ, ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ଦୀର୍ଘ ଦିନ ଧରି ଅପେକ୍ଷିତ ଥିବା ସଂରକ୍ଷଣ ବ୍ୟବସ୍ଥାକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି, ଯାହାର ସୁଫଳ ସାଧାରଣ, ବୈଷୟିକ ଏବଂ ଚିକିତ୍ସା ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ମଧ୍ୟ ମିଳିବ। ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ ଯେ, ରାଜ୍ୟ ସରକାର ଶିଳ୍ପ ବିକାଶକୁ ପ୍ରାଥମିକତା ଦେଉଛନ୍ତି ଏବଂ ଓଡ଼ିଶା ଆଜି ଦେଶର ନିବେଶକମାନଙ୍କ ପ୍ରଥମ ପସନ୍ଦର ରାଜ୍ୟ ଭାବେ ଉଭାୟ ହେଉଛି। ସେ ସୂଚନା ଦେଇଥିଲେ ଯେ, 'ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା' ପ୍ରୟାସ ମାଧ୍ୟମରେ ରାଜ୍ୟରେ ଶିଳ୍ପ ବିକାଶର ଏକ ନୂତନ ଯୁଗ ଆରମ୍ଭ ହୋଇଛି, ଯାହା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।ସେ କହିଥିଲେ ଯେ, ଏପର୍ଯ୍ୟନ୍ତ ରାଜ୍ୟରେ ୩.୧୧ ଲକ୍ଷ କୋଟି ଟଙ୍କାର ନିବେଶ ସହିତ ସମ୍ବନ୍ଧିତ ୧୫୨ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ପ୍ରାୟ ଅଢ଼େଇ ଲକ୍ଷ ରୋଜଗାର ସୁଯୋଗ ସୃଷ୍ଟି ହୋଇଛି। ଏହା ସହିତ ସରକାରୀ କ୍ଷେତ୍ରରେ ମଧ୍ୟ ୪୪ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି।ମୁଖ୍ୟମନ୍ତ୍ରୀ କହିଥିଲେ ଆମର ୩୦ଟି ଜିଲ୍ଲା ମଧ୍ୟରୁ ୨୯ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେଉଛି। ଆମର ଏହି ଶିଳ୍ପାୟନ ଅଭିଯାନ ସମ୍ପୂର୍ଣ୍ଣ ରୂପେ ଏକ ସମାବେଶୀ ପ୍ରକ୍ରିୟା ଅଟେ।

# ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



## ଖବର

# ଇଥାର ଟିଜରରେ ଶ୍ରଦ୍ଧା କପୁରଙ୍କ ନୂଆ ଲୁକ୍



ଶ୍ରଦ୍ଧା କପୁରଙ୍କ ସ୍ତ୍ରୀ ୨ ପରେ ତାଙ୍କୁ ପୁଣିଥରେ ବଡ଼ ପର୍ଦ୍ଦାରେ ଦେଖିବା ପାଇଁ ଫ୍ୟାନ୍ସମାନେ ଦୀର୍ଘ ସମୟ ଧରି ଅପେକ୍ଷା କରୁଥିଲେ । ଏବେ ଶ୍ରଦ୍ଧା କପୁର ପୁଣିଥରେ ସିନେମା ହଲଗୁଡ଼ିକରେ ଧମାକା କରିବାକୁ ଯାଉଛନ୍ତି । ତାଙ୍କର ବହୁ ଫେମସ୍ ଫିଲ୍ମ ଇଥା କୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଚାଲିଥିଲା । ଏବେ ଏହାର ପ୍ରଥମ ଲୁକ୍ ସାମ୍ନାକୁ ଆସିଛି ।ଶ୍ରଦ୍ଧାଙ୍କ ଇଥା' ର ଟିଜର ସୋସିଆଲ ମିଡିଆରେ ଦ୍ରୁତଗତିରେ ଭାଇରାଲ ହେଉଛି, ଯେଉଁଥିରେ ତାଙ୍କର ଚମତ୍କାର ଲୁକ୍ ଦେଖିବାକୁ ମିଳିଛି । ଇଥା' ର ଟିଜର 'କକଟେଲ୍ ୨' ସହିତ ରିଲିଜ୍ କରାଯାଇଥିଲା, ଯାହା ପରେ ଲୋକମାନେ ଏହାକୁ ଇଣ୍ଟରନେଟରେ ଭାଇରାଲ କରିଦେଇଛନ୍ତି ।ଶ୍ରଦ୍ଧା କପୁରଙ୍କ 'ଇଥା' ଫିଲ୍ମର ପ୍ରଥମ ଟିଜର 'କକଟେଲ୍ ୨' ସହ ସିନେମା ହଲ୍ରେ ପ୍ରଦର୍ଶିତ ହେବାର କିଛି ସମୟ ପରେ ହିଁ ଅନଲାଇନରେ ଲିକ୍ ହୋଇଯାଇଥିଲା । ଏହାକୁ ଦେଖିବା ପରେ ଫ୍ୟାନ୍ସଙ୍କ ଉତ୍ସାହ ଆହୁରି ବଢ଼ିଯାଇଛି । ଏହି ଟିଜରକୁ ଶାହିଦ କପୁର, କୃତି ସାନନ୍ ଏବଂ ରଶ୍ମିକା ମନ୍ଦାନା ଅଭିନୀତ 'କକଟେଲ୍ ୨' ସହ ପ୍ରଦର୍ଶନ କରାଯାଇଥିଲା । ଇଥା'ର ଏହି ଟିଜରରେ ଶ୍ରଦ୍ଧା କପୁରଙ୍କ ଏମିତି ଏକ ରୂପ ଦେଖିବାକୁ ମିଳିଛି, ଯାହା ସେ ପୂର୍ବରୁ କେବେ କରିନଥିଲେ ।ଭାଇରାଲ୍ ହେଉଥିବା ଇଥା' ର ଟିଜରରେ ଶ୍ରଦ୍ଧା କପୁର ଟ୍ରାଡିସ୍ନାଲ୍ ଶାଢ଼ୀ ଲୁକରେ ନଜର ଆସିଛନ୍ତି । କ୍ଲିପର ଆରମ୍ଭରେ ସେ ଜଣେ ଗର୍ଭବତୀ ମହିଳାଙ୍କ ଭୂମିକାରେ ଦେଖାଯାଇଛନ୍ତି । ଟିଜରରେ ତାଙ୍କୁ ପ୍ରସବ ବେଦନାରେ କଷ୍ଟ ଭୋଗୁଥିବା ଦୃଶ୍ୟ ଦେଖାଯାଇଛି ଏବଂ ପରବର୍ତ୍ତୀ ଦୃଶ୍ୟଗୁଡ଼ିକରେ ସେ ଜଣେ ନୃତ୍ୟଶିଳ୍ପୀ ଭାବେ ନଜର ଆସିଛନ୍ତି । ଏହି କ୍ଲିପକୁ ଦେଖିବା ପରେ ଲୋକମାନେ ତାଙ୍କର ଭରପୂର ପ୍ରଶଂସା କରୁଛନ୍ତି ଏବଂ ଫିଲ୍ମଟିକୁ ଦେଖିବା ପାଇଁ ବେଶ୍ ଉତ୍ସୁକ ଅଛନ୍ତି ।ଶ୍ରଦ୍ଧା କପୁରଙ୍କ 'ଇଥା' ହେଉଛି ବିଠାବାଇ ନାରାୟଣଗାଓଁକରଙ୍କ ଜୀବନୀ ଆଧାରିତ ଚଳଚ୍ଚିତ୍ର ।

# ଟ୍ୟାନ୍ ହଟାଇବା ପାଇଁ ବ୍ୟବହାର କରନ୍ତୁ ତରଭୁଜ ଜେଲ୍

ଗ୍ରୀଷ୍ମ ଋତୁରେ ତରଭୁଜ ଖାଇବାର ମଜା ଟିକିଏ ନିଆରା । କିନ୍ତୁ ଏହାକୁ ଖାଇବା ସହିତ ଚେହେରାର ସୌନ୍ଦର୍ଯ୍ୟ ବଢାଇବା ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ । ଗ୍ରୀଷ୍ମ ଦିନରେ ଶକ୍ତିଶାଳୀ ସୂର୍ଯ୍ୟ କିରଣର ସଂସ୍ପର୍ଶରେ ଆସିବା ଦ୍ୱାରା ଟ୍ୟାନ୍ ଏବଂ ସ୍କିନ୍ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଯାଇଥାଏ । ତେଣୁ ଏଥିପାଇଁ ଆପଣ ତରଭୁଜରୁ ସ୍ୱତନ୍ତ୍ର ଜେଲ୍ ପ୍ରସ୍ତୁତ କରି ବ୍ୟବହାର କରିପାରିବେ। ତେବେ ଚାଲନ୍ତୁ ଜାଣିବା ଏହାର ପ୍ରସ୍ତୁତ ଏବଂ ବ୍ୟବହାର



ଆବଶ୍ୟକ ସାମଗ୍ରୀ :୩ ବଡ ଚାମଚ ତରଭୁଜ ରସ। ୧ ବଡ ଚାମଚ କାକୁଡି ରସ। ୩ ବଡ ଚାମଚ ଏଲୋଭେରା ଜେଲ। ୧ଟି ଭିଟାମିନ୍ ଇ କ୍ୟାପସୁଲ୍

ପ୍ରସ୍ତୁତ ପ୍ରଣାଳୀ :

୧. ସର୍ବପ୍ରଥମେ, ତରଭୁଜରୁ ମଞ୍ଜି ବାହାର କରି ଗ୍ରାଇଣ୍ଡିଙ୍ଗ କରି ତାହାର ଜୁସ୍ ବାହାର କରନ୍ତୁ।

୨. ଠିକ୍ ସେହିପରି କାକୁଡିର ମଧ୍ୟ ଜୁସ ବାହାର କରନ୍ତୁ ।

୩. ଏକ ପାତ୍ରରେ ତରଭୁଜ ଏବଂ କାକୁଡି ରସକୁ ଛାଣନ୍ତୁ ।

୪. ଅବଶିଷ୍ଟ ଉପାଦାନଗୁଡିକ ମିଶାଇ ତାହା ଲାଲ୍ ହେବା ପର୍ଯ୍ୟନ୍ତ ଗୋଳାନ୍ତୁ ।

୫. ପ୍ରସ୍ତୁତ ଜେଲକୁ ଏକ ପାତ୍ରରେ ଷ୍ଟୋର କରି ଫ୍ରିଜ୍ ରେ ରଖନ୍ତୁ ।

ବ୍ୟବହାର କରିବାର ଉପାୟ :

୧. ସର୍ବପ୍ରଥମେ ମୁହଁକୁ ଫେସ୍ ୱାସରେ ଧୋଇ ଦିଅନ୍ତୁ ।

୨. ତାପରେ ଏହି ଜେଲ୍ କୁ ହାଲୁକା ଭାବରେ ମସାଜ କରନ୍ତୁ।

୩. ୧୦ ମିନିଟ୍ ରଖିବା ପରେ ମୁହଁକୁ ଭଲଭାବରେ ଧୋଇ ଦିଅନ୍ତୁ।

୪. ଆପଣ ଚାହିଁଲେ ଏହାକୁ ରାତିରେ ମଧ୍ୟ ଲଗାଇ ପାରିବେ ।

ତରଭୁଜ ଜେଲ ଲଗାଇବାର ଫାଇଦା :

- ଏହାକୁ ଲଗାଇବା ଦ୍ୱାରା ସନ୍ ଟ୍ୟାନ୍ ସମସ୍ୟାରୁ ମୁକ୍ତି ମିଳିଥାଏ ।
- ଗରମ କାରଣରୁ ଅଧିକ ଝାଳ ବାହାରିବାର ସମସ୍ୟା ରହିଥାଏ । ତରଭୁଜ ଏଥିରୁ ମୁକ୍ତିଦେବା ସହିତ ପୂରା ଦିନ ସତେଜ ଅନୁଭବ କରାଇଥାଏ।
- ମୁହଁରେ ପଡୁଥିବା ଦାଗ, ରିଙ୍କଲ୍, ବ୍ଲାକ୍ ହେଡ୍ ସଫା କରିଥାଏ।
- ମୁଖ ବ୍ରଣ ସମସ୍ୟା ଦୂର କରିଥାଏ।

# କେବଳ ମୁଠାଏ ଚାଉଳ ବଦଳାଇଦେବ ଭାଗ୍ୟ

ଅନେକ ସମୟରେ, କଠିନ ପରିଶ୍ରମ ସତ୍ତ୍ୱେ ଆପଣ ଚାହୁଁଥିବା ଫଳାଫଳ ପାଆନ୍ତି ନାହିଁ। ଏହି କାରଣରୁ, ଜୀବନରେ ଅସ୍ଥିରତା ଏବଂ ଅର୍ଥ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ରାଶିରେ ଗ୍ରହର ଦୁର୍ବଳତା ମଧ୍ୟ ଏହିପରି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏଥିଲାଗି କିଛି ଉପାୟ କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଚାଲନ୍ତୁ ଜାଣିବା ଚାଉଳ ମାଧ୍ୟମରେ କିଛି ଏମିତି ଉପାୟ ଯାହା ଆପଣଙ୍କୁ ଏ ସମସ୍ତ ସମସ୍ୟାରୁ ମୁକ୍ତି ଦେବ।

ଦରିଦ୍ରତା ହେବ ଦୂର :ପୂଜା କିମ୍ବା କୌଣସି ଧାର୍ମିକ କାର୍ଯ୍ୟରେ ଚାଉଳର ବିଶେଷ ମହତ୍ୱ ରହିଛି। ଏଥିସହିତ ଏହା ଚନ୍ଦ୍ର ସହିତ ମଧ୍ୟ ଜଡିତ। ତେଣୁ ପ୍ରତିଦିନ କପାଳରେ ଚାଉଳ ତିଳକ ଲଗାନ୍ତୁ। ଏହାଦ୍ୱାରା ରାଶିଫଳରେ ଚନ୍ଦ୍ର ଶକ୍ତିଶାଳୀ ହୋଇଥାନ୍ତି । ଯାହା ଫଳରେ ଅର୍ଥ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ ।

ଦେବୀ ଲକ୍ଷ୍ମୀ ହୋଇଥାନ୍ତି ପ୍ରଶନ୍ନ : ପୂର୍ଣ୍ଣିମା କିମ୍ବା ଯେକୌଣସି ଶୁଭ ସମୟରେ, ଲାଲ ରଙ୍ଗର ଏକ ରେଶମ କପଡ଼ାରେ ୨୧ ଗୋଟି ଚାଉଳକୁ ହଳଦିରେ ରଙ୍ଗ କରି ବାନ୍ଧନ୍ତୁ। ଏହାପରେ ଦେବୀ ଲକ୍ଷ୍ମୀଙ୍କ ଆଗରେ ସେହି କପଡାକୁ ରଖନ୍ତୁ । ଦେବୀଙ୍କୁ ପୂଜା କରିବା ସହିତ କନକଧାରା ସ୍ତୋତ୍ର ପାଠ କରନ୍ତୁ। ତା'ପରେ ସେହି କପାଟରୁ କିଛି ଚାଉଳ ତୁମ ପର୍ସରେ ବାକି ଚାଉଳକୁ ଧନ ରଖୁଥିବା ସ୍ଥାନରେ ରଖନ୍ତୁ। ଏହା



ଦ୍ୱାରା ଅର୍ଥର ଅଭାବ ଦୂର ହେବା ସହିତ ଦେବୀ ଲକ୍ଷ୍ମୀଙ୍କ କୃପା ରହିବ ।

ଧନ ପ୍ରାପ୍ତ ହେବ :ସୋମବାର ଅଧା କିଲୋ ଚାଉଳ ନିଅନ୍ତୁ ।ଯେପରି ସେହି ଚାଉଳ ଭଙ୍ଗା ନଥିବ। ତା'ପରେ ଭଗବାନ ଶିବଙ୍କ ମନ୍ଦିରକୁ ଯାଇ ଶିବଲିଙ୍ଗ ଉପରେ ୧ ମୁଷ୍ଟି ଅର୍ପଣ କରନ୍ତୁ । ଅବଶିଷ୍ଟ ଚାଉଳକୁ ଗରିବ ଏବଂ ଅସହାୟ ଲୋକଙ୍କୁ ଦାନ କରନ୍ତୁ । କ୍ରମାଗତ ୫ ସୋମବାରରେ ଏହି ପ୍ରତିକାର କରନ୍ତୁ । ଏହାଦ୍ୱାରା ଧନ ପ୍ରାପ୍ତ ହେବ ।

ମନକାମନା ପୂରଣ ହେବ : ଶୁକ୍ରବାର ରାତି ୧୦ ଟାରେ, ଘରର ଉତ୍ତର ଦିଗରେ ଏକ ଚୌକି ରଖି ସେଥିରେ କଳସ ସ୍ଥାପିତ କରନ୍ତୁ । କଳସରେ ସ୍ୱସ୍ତିକ୍ ଚିହ୍ନ କରି ସେଥିରେ ପାଣି, ଦୁବ, ଚାଉଳ, ୧ ଟଙ୍କା ମୁଦ୍ରା ରଖନ୍ତୁ। ତା'ପରେ ଚାଉଳକୁ ଏକ ଛୋଟ ଥାଳିରେ ଭର୍ତ୍ତି କରି କଳସ ଉପରେ ରଖନ୍ତୁ। ଏହାପରେ ଶ୍ରୀଯନ୍ତ୍ର ସ୍ଥାପନ କରି ଚୌମୁଖି ଦୀପ ଜାଳି ଏହାକୁ ସିନ୍ଦୁର ଏବଂ ଚାଉଳରେ ପୂଜା କରି ଲକ୍ଷ୍ମୀ ସ୍ତୋତ୍ର ପାଠ କରନ୍ତୁ। ଏହା ଦ୍ୱାରା, ଇଚ୍ଛା ପୂରଣ ହେବା ସହିତ ଆର୍ଥିକ ସମସ୍ୟା ମଧ୍ୟ ଦୂର ହେବ ।

# ଜାଣନ୍ତୁ ଶୁଭ ସମୟ ପୂର୍ବରୁ ୧୪ଟି ସଙ୍କେତ ବିଷୟରେ



ଶୁଭସମୟ ଆସିବା ପୂର୍ବରୁ କିଛି ଘଟଣା ଜୀବନରେ ଘଟିଥାଏ। ଯାହା ଭଲ ସମୟ ଆରମ୍ଭ ହେବାର ସଙ୍କେତ ଦେଇଥାଏ। ଯଦି ସେହି ସଙ୍କେତ ସକାଳ ସମୟରେ ଦେଖାଯାଉଛି, ତେବେ ସୌଭାଗ୍ୟର ଦରଜା ଆପଣଙ୍କ ପାଇଁ ଖୋଲିବାକୁ ଯାଉଛି ବୋଲି ମାନ୍ୟତା ରହିଛି। ଜାଣନ୍ତୁ ସେଭଳି କିଛି ସଙ୍କେତ ବିଷୟରେ .

ଧଳା ଗାଈ: ଯଦି ଧଳା ରଙ୍ଗର ଗାଈ ଦରଜା ସମ୍ମୁଖକୁ ଆସି ଶବ୍ଦ କରନ୍ତି, ତେବେ ଆପଣଙ୍କ ଘରେ ସୁଖସମୃଦ୍ଧିର ବୃଦ୍ଧି ହେବାର ଏହାର ସଙ୍କେତ ଦେଇଥାଏ।

ମଧୁର ଧ୍ୱନି: ସକାଳ ସମୟରେ ଯଦି ଆପଣଙ୍କୁ ମନ୍ଦିର ଘଣ୍ଟି, ଶଙ୍ଖ ଅଥବା ଭଜନ କୀର୍ତ୍ତନର ଧ୍ୱନି ଶୁଣାଯାଏ, ତେବେ ଏହାକୁ ଶୁଭ ସଙ୍କେତ କୁହାଯାଏ।

ନବବଧୂଙ୍କୁ ଦେଖିବା: ରାସ୍ତାରେ ଯାଉଥିବା ସମୟରେ ହଠାତ ନବବଧୂଙ୍କୁ ଦେଖିଲେ ଏହାକୁ ମଧ୍ୟ ଶୁଭ ସଙ୍କେତ କୁହାଯାଏ।

ଶ୍ରୀଫଳ: ସକାଳେ ଉଠିବା ପରେ ଶ୍ରୀଫଳ ଦେଖିଲେ ଶୁଭ ଖବର ମିଳିଥାଏ।

କୁହାଯାଏ ରାସ୍ତାରେ ଯିବା ସମୟରେ ପକ୍ଷୀ ଆପଣଙ୍କ ଉପରେ ମଳତ୍ୟାଗ କରିବା ଶୁଭ ବୋଲି କୁହାଯାଏ।

ବର୍ଷା ହେବା ସମୟରେ ହଠାତ ସୂର୍ଯ୍ୟ ଦେଖାଯିବା ଧନସମ୍ପତ୍ତି ବୃଦ୍ଧି ହେବାର ସଙ୍କେତ ଦେଇଥାଏ।

ଝରକାରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବା ଅଥବା ଜଳାଶୟ ଦେଖାଯିବା ମଧ୍ୟ ଶୁଭଙ୍କର।

ଘରର ଛାତରେ ବସିଥିବା କୋଇଲି କିମ୍ବା ପକ୍ଷୀଙ୍କ ମଧୁର ସ୍ୱର ଶୁଣିବା ମଧ୍ୟ ଶୁଭଙ୍କର।

ସକାଳେ ଉଠିବା ମାତ୍ରେ ସର୍ବପ୍ରଥମେ ଦହି କିମ୍ବା ଖିର ଦେଖାଯିବା ଶୁଭ ସଙ୍କେତ କୁହାଯାଏ। ଏହାଦ୍ୱାରା ସଫଳତା ପ୍ରାପ୍ତି ହୋଇଥାଏ।

କଇଁଛ ଦେଖିବା ମଧ୍ୟ ଶୁଭ ବୋଲି କୁହାଯାଏ।

ଘରର ଦରଜା ସମ୍ମୁଖରେ ଯଦି ହାତୀ ଶୁଣ୍ଢ ଉପରକୁ କରେ ତେବେ ଧନସମ୍ପତ୍ତି, ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି କୁହାଯାଏ।

ଅଜାଣତରେ ଓଲଟା ପୋଷାକ ପିନ୍ଧିବା ସୁଖସମୃଦ୍ଧି ପ୍ରାପ୍ତିର ସଙ୍କେତ ଦେଇଥାଏ।

ସକାଳ ସମୟରେ ରାସ୍ତାରେ ଆଖୁ ଦେଖିବା ମଧ୍ୟ ଶୁଭଙ୍କର।

ମୟୁର ପଙ୍ଖକୁ ଖୋଲାକରି ଥିବା ଅବସ୍ଥାରେ ଦେଖିବା ମଧ୍ୟ ଶୁଭଙ୍କର।

ହାତ ପାପୁଲି କୁଣ୍ଡାଇ ହେବା ଶୁଭ ସଙ୍କେତ ବୋଲି କୁହାଯାଏ।

ସମୁଦ୍ର କୂଳରେ ମୋତି ମିଳିବା ମଧ୍ୟ ଶୁଭ ସଙ୍କେତ ପ୍ରଦାନ କରିଥାଏ।

# ଶରୀର ପାଇଁ ଲାଭଦାୟକ ହୋଇଥାଏ କିୱି

ଗ୍ରୀଷ୍ମ ଋତୁରେ ଖାଇବା-ପିଇବାର ବିଶେଷ ଧ୍ୟାନ ରଖିବା ଉଚିତ । ଯାହାଦ୍ୱାରା ଡିହାଇଡ୍ରେସନ୍ କିମ୍ବା ଅନ୍ୟାନ ରୋଗକୁ ରୋକାଯାଇ ପାରିବ । ସେଥିଲାଗି ପ୍ରତ୍ୟେକ ଦିନ



ଖାଦ୍ୟରେ କିୱି ସାମିଲ୍ କରିବା ବେଷ୍ଟ ଅପସନ୍ ହେବ। ଏଥିରେ ଭିଟାମିନ୍ ସି ଏବଂ ଇ, ପୋଟାସିୟମ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇମ୍ଫଲିମେଣ୍ଟ□ରି ଏବଂ ଔଷଧୀୟ ଗୁଣ ରହିଥାଏ । ତେଣୁ ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇବା ଲାଭଦାୟକ ହୋଇଥାଏ। ତେବେ ଚାଲନ୍ତୁ ଜାଣିବା ଏହାର ଅନ୍ୟ ଫାଇଦା ବିଷୟରେ.

ଡେଙ୍ଗୁରୁ ମୁକ୍ତି ଦେଇଥାଏ :ଡେଙ୍ଗୁ ରୋଗୀ କିୱି ଖାଇବା ଦ୍ୱାରା ଶୀଘ୍ର ଆରୋଗ୍ୟ ହୋଇଥାନ୍ତି । ଏହାବ୍ୟତୀତ ରକ୍ତରେ କମୁଥିବା ପ୍ଲେଟଲେଟସ୍‌କୁ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ।

ବ୍ଲଡ୍ ପ୍ରେସର୍ କଣ୍ଟ୍ରୋଲ୍ କରିଥାଏ :ବିଶେଷଜ୍ଞଙ୍କ ଅନୁଯାୟୀ, ଲଗାତାର ୮ ସପ୍ତାହ କିୱି ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପର ସମସ୍ୟା ଦୂର ହୋଇଥାଏ। ହୃତପିଣ୍ଡ ଭଲଭାବରେ କାମ କରିଥାଏ । ଏଥିସହ ଜଡିତ ସମସ୍ୟା ମଧ୍ୟ ଦୂର ହୋଇଥାଏ।

।ହାଟ୍‌ଆଟାକ୍ ଆଶଂକା ଦୂର କରିଥାଏ :ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇବା ଦ୍ୱାରା ଷ୍ଟ୍ରୋକ୍ ଏବଂ ହାର୍ଟ ଆଟାକ୍ ଆଶଂକା କମ୍ ହୋଇଥାଏ।

ଓଜନ ହ୍ରାସ କରିଥାଏ :ଓଜନ ବଢୁଥିବା ଲୋକମାନଙ୍କୁ ନିଜର ଦୈନନ୍ଦିନ ଖାଦ୍ୟରେ କିୱି ସାମିଲ କରିବା ଉଚିତ। କିୱି ଏକ କମ୍ କ୍ୟାଲୋରୀ ଏବଂ ଅଧିକ ଫାଇବର ଯୁକ୍ତ ଫଳ । ଏହା ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ ।

ଗର୍ଭାବସ୍ଥାରେ ରେ ଲାଭଦାୟକ ହୋଇଥାଏ :

ପୁଷ୍ଟିକର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣରେ ଭରପୁର କିୱି ଗର୍ଭାବସ୍ଥାରେ ଖାଇବା ଲାଭଦାୟକ ହୋଇଥାଏ। ଏଥିରେ ଥିବା ଫୋଲେଟ୍, ଭିଟାମିନ୍ ସି ଶରୀରରେ ଆଇରନ୍ ଅଭାବକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏଥିସହିତ ଗର୍ଭପାତ ହେବାର ଆଶଙ୍କା ମଧ୍ୟ କମ୍ ରହିଥାଏ।

# ସହରାଞ୍ଚଳ ପରିବହନର ନୂଆ ପରିଭାଷା ସୃଷ୍ଟି କରୁଛି କ୍ଯୁଟ୍

ଭୁବନେଶ୍ୱର,୨୦।୬ (ମହାଭାରତ): କମ୍ପ୍ରିହେନ୍‌ସିଭ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ଯୁଟ୍) ଏକ ସ୍ଥାୟୀ ଏବଂ ନାଗରିକ-କେନ୍ଦ୍ରିକ ସାର୍ବଜନୀନ ପରିବହନ ବ୍ୟବସ୍ଥା ଭାବେ ଜାତୀୟ ସ୍ତରରେ ଏକ ମାପଦଣ୍ଡ ସାଜିଛି । ବୈଦ୍ୟୁତିକ ଗତିଶୀଳତାର ଦ୍ରୁତ ସମ୍ପ୍ରସାରଣ, ପ୍ରଯୁକ୍ତିବିଦ୍ୟା-ଆଧାରିତ ଯାତ୍ରୀ ସେବା, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ତର୍ଭୁକ୍ତୀକରଣ କର୍ମଚାରୀ ବିକାଶ ମାଧ୍ୟମରେ ଏହା ସମଗ୍ର ଓଡ଼ିଶାରେ ସହରାଂଚଳ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି। ୨୦୨୪ ରୁ ଏପ୍ରିଲ ୨୦୨୬ ମଧ୍ୟରେ କ୍ଯୁଟ୍ ନିଜର ସାର୍ବଜନୀନ ପରିବହନ ନେଟୱାର୍କକୁ ଯଥେଷ୍ଟ ସମ୍ପ୍ରସାରିତ କରିଛି, ଯାହାଫଳରେ ଏହାର ସକ୍ରିୟ ବସ୍ ସଂଖ୍ୟା ୭୬୦ ରେ ପହଂଚିଛି ଏବଂ ଓଡ଼ିଶାର ସବୁଜ ଗତିଶୀଳତା ଆଡ଼କୁ ଯାତ୍ରାକୁ ଅଧିକ ତ୍ୱରାନ୍ୱିତ କରିଛି । ୨୦୨୪ ମସିହାରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ସଫଳତାର ସହ ଇଲେକ୍ଟ୍ରିକ୍ ବସ୍ ସେବା ଆରମ୍ଭ କରାଯାଇଥିଲା । ଏହାପରେ ୨୦୨୫ ରେ ରାଜଧାନୀ ଅଂଚଳରେ ୮୦ ଟି ମିଡି ଇଲେକ୍ଟ୍ରିକ୍ ବସ୍, ୫ ଟି ଇଲେକ୍ଟ୍ରିକ୍ ଡବଲ୍-ଡେକର୍ ବସ୍, ପୁରୀରେ ୩୫ ଟି ଇଲେକ୍ଟ୍ରିକ୍ ବସ୍ ଏବଂ ନରାଜରେ ୧୦୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ କରାଯାଇଥିଲା । ୨୦୨୬ ମସିହାରେ, କେନ୍ଦୁଝରେ ୨୫ ଟି ଇଲେକ୍ଟ୍ରିକ୍ ବସ ସହିତ ଓଡ଼ିଶା ଏହି ବର୍ଦ୍ଧିତ ବୈଦ୍ୟୁତିକ ଗତିଶୀଳତା ନେଟୱାର୍କରେ ଯୋଗ ଦେଇଛି । ଏହି ବର୍ଦ୍ଧିତ ବସ୍ ସଂଖ୍ୟାକୁ ସହାୟତା ପ୍ରଦାନ କରିବା ପାଇଁ କ୍ଯୁଟ୍ ଗାଡକଣ , ନରାଜ, ପୁରୀ, ସମ୍ବଲପୁର, ବ୍ରହ୍ମପୁର ଏବଂ କେନ୍ଦୁଝରଠାରେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ଡିପୋ କାର୍ଯ୍ୟକ୍ଷମ କରିଛି । ଚନ୍ଦ୍ରଶେଖରପୁର ଏବଂ ମାଷ୍ଟରକ୍ୟାଂଟିନ୍ ଠାରେ ସ୍ୱତନ୍ତ୍ର 'ଇଲେକ୍ଟ୍ରିକ୍ ଟର୍ମିନାଲ୍' ସହିତ କଟକରେ ନୂତନ ଭାବେ ବିକଶିତ ୧୫୩ ଟି ବସ୍ ରାଜ୍ୟରେ ସାର୍ବଜନୀନ ପରିବହନ ଭିତିଭୂମିକୁ ଅଧିକ ମଜବୁତ କରିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, 'ଓଡ଼ିଶା ସରକାର ରାଜ୍ୟର ସମସ୍ତ ନାଗରିକଙ୍କୁ ସୁରକ୍ଷିତ, ସୁଲଭ, ପରିବେଶ ଅନୁକୂଳ ଏବଂ ପ୍ରଯୁକ୍ତିବିଦ୍ୟା-ଆଧାରିତ ସାର୍ବଜନୀନ ପରିବହନ ସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । କ୍ଯୁଟ୍ ର ଏହି ଉଲ୍ଲେଖନୀୟ ପ୍ରଗତି ଆମର ସେହି ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି, ଯେଉଁଠାରେ ସାର୍ବଜନୀନ ପରିବହନ ଯାତ୍ରାର ପ୍ରଥମ ପସନ୍ଦ ପାଲଟିବ। ଏହି ସଫଳତା ଆଗାମୀ ପିଢ଼ି ପାଇଁ ଅଧିକ ସବୁଜ, ସ୍ମାର୍ଟ ଏବଂ ସମାବେଶୀ ସହର ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି ।'ସ୍ଥାୟୀ ସହରାଂଚଳ ପରିବହନ ପାଇଁ ରାଜ୍ୟର ଦୀର୍ଘକାଳୀନ ଦୂରଦୃଷ୍ଟି ଉପରେ ଗୁରୁତ୍ୱ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର



ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, କହିଛନ୍ତି, 'ଓଡ଼ିଶା ଏଭଳି ଏକ ସାର୍ବଜନୀନ ପରିବହନ ବ୍ୟବସ୍ଥା ଗଠନ କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହା ସ୍ଥାୟୀ, ପ୍ରଯୁକ୍ତିବିଦ୍ୟା-ଚାଳିତ, ଅନ୍ତର୍ଭୁକ୍ତୀକରଣ ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ସହଜଲଭ୍ୟ ହେବ। ଯାତ୍ରୀମାନଙ୍କ ସୁବିଧା ପାଇଁ କ୍ଯୁଟ୍ ବିଭିନ୍ନ ପ୍ରକାରର ଅଭିନବ ଡିଜିଟାଲ୍ ବ୍ୟବସ୍ଥା ଆରମ୍ଭ କରିଛି। 'ଆମ ବସ୍' ଟିକେଟିଂ ପ୍ଲାଟଫର୍ମରେ ୯୦,୦୦୦ ରୁ ଅଧିକ ଟିକେଟ୍ କାରବାର ପଞ୍ଜିକୃତ ହୋଇଛି ଏବଂ ଏବେ ଏହା ସାତପଡ଼ାଠାରେ ଚିଲିକା ବୋଟିଂ ସେବା ପାଇଁ ଅନଲାଇନ୍ ବୁକିଂ ସୁବିଧା ମଧ୍ୟ ପ୍ରଦାନ କରୁଛି।

କ୍ଯୁଟ୍ ର ଅଭିବୃଦ୍ଧି ସମ୍ପର୍କରେ ସୂଚନା ଦେଇ ଏହାର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ ଆଲାମ କହିଛନ୍ତି, 'ବିଗତ ଦୁଇ ବର୍ଷ ମଧ୍ୟରେ କ୍ଯୁଟ୍ ର ଏହି ରୂପାନ୍ତରଣ ପଛରେ ନାଗରିକମାନଙ୍କୁ ସୁରକ୍ଷିତ, ନିର୍ଭରଯୋଗ୍ୟ, ସୁଲଭ ଏବଂ ସ୍ଥାୟୀ ପରିବହନ ସେବା ଯୋଗାଇଦେବାର ଏକମାତ୍ର ଲକ୍ଷ୍ୟ ରହିଛି। ଦୈନିକ ୩ ଲକ୍ଷ ଯାତ୍ରୀ ସଂଖ୍ୟା ଅତିକ୍ରମ କରିବା, ଇଲେକ୍ଟ୍ରିକ୍ ବସ୍ ସଂଖ୍ୟା ବଢ଼ାଇବା, ଡିଜିଟାଲ୍ ସେବାକୁ ସୁଦୃଢ଼ କରିବା ଏବଂ ପରିବହନ କର୍ମଚାରୀମାନଙ୍କୁ ସଶକ୍ତ କରିବା ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କ୍ଯୁଟ୍ ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁରରେ ଅତିରିକ୍ତ ୪୦୦ ଟି ଇଲେକ୍ଟ୍ରିକ୍ ବସ୍ ନିୟୋଜିତ କରିବାକୁ ପ୍ରସ୍ତୁତି ଚଳାଇଛି । ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ଅନୁଦାନରେ ୩ ଟି ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଇଲେକ୍ଟ୍ରିକ୍ ବସ୍ ପ୍ରଚଳନ କରିବାକୁ ଯାଉଛି । କେବଳ ସିଟି ବସ୍ କାର୍ଯ୍ୟକଳାପ ବ୍ୟତୀତ, କ୍ଯୁଟ୍ ରାଜ୍ୟର ପ୍ରଥମ ଶୂନ୍ୟ-କମିଶନ ରାଇଡ୍-ହେଲିଂ ପ୍ଲାଟଫର୍ମ 'ଓଡ଼ିଶା ଯାତ୍ରୀ' ମାଧ୍ୟମରେ କ୍ୟାବ୍ ଏବଂ ଅଟୋ-ରିକ୍ସା ଚାଳକଙ୍କ ପାଇଁ ଏହାର ପ୍ରଭାବ ବିସ୍ତାର କରିଛି । ଭୁବନେଶ୍ୱର, କଟକ, ପୁରୀ ଏବଂ ସମ୍ବଲପୁରରେ କାର୍ଯ୍ୟକ୍ଷମ ଏହି ପ୍ଲାଟଫର୍ମ ୧୬,୭୭୯ ଜଣ ଚାଳକଙ୍କୁ ମିଳିତ ଭାବେ ୧୧.୬୫ କୋଟିରୁ ଅଧିକ ଟଙ୍କାର କମିଶନ-ମୁକ୍ତ ଆୟ କରିବାରେ ସକ୍ଷମ କରିଛି । ୨୦୨୪ ମସିହାରୁ ଏପର୍ଯ୍ୟନ୍ତ ୬,୦୦୦ ରୁ ଅଧିକ କର୍ମଚାରୀ ତାଲିମ ଏବଂ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ସାର୍ବଜନୀନ ପରିବହନରେ ଲିଙ୍ଗଗତ ସମାବେଶୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅଭିନବ ପଦକ୍ଷେପ ସ୍ୱରୂପ, ୨୦ ଜଣ ମହିଳା ହେଭି ମୋଟର ଭେହିକିଲ୍ ଚାଳକଙ୍କୁ ଇଲେକ୍ଟ୍ରିକ୍ ବସ୍ ଚଲାଇବା ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି, ଯାହା ପରିବହନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି। କ୍ଯୁଟ୍ ର ଏହି ପରିବର୍ତ୍ତନଶୀଳ ପ୍ରୟାସ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି । ଅର୍ବାନ ମୋବିଲିଟି ଇଣ୍ଡିଆ ଆୱାର୍ଡସ ୨୦୨୪ ରେ ଏହି ସଂସ୍ଥାକୁ 'ଶ୍ରେଷ୍ଠ ସାର୍ବଜନୀନ ପରିବହନ ବ୍ୟବସ୍ଥା ସହିତ ସହର' ଭାବେ ସମ୍ମାନିତ କରାଯାଇଥିଲା।

## ଅତ୍ୟଧିକ ଉତ୍ତାପରୁ ଶ୍ରମିକଙ୍କୁ ରକ୍ଷା କରିବା ପାଇଁ ଦାବି

ଭୁବନେଶ୍ୱର,୨୦।୬ (ମହାଭାରତ): କ୍ରମବର୍ଦ୍ଧିଷ୍ଣୁ ପୃଥିବୀର ଉତ୍ତାପ ବୃଦ୍ଧି ହ୍ରାସ କରିବା ପାଇଁ ଜାତିସଂଘର ୨୦୩୦ ପାଇଁ ଧାର୍ଯ୍ୟ ଲକ୍ଷ ଏସ୍‌ଡିଜି ୧୩-୧୪-୧୫ କୁ ସବୁ ଦେଶ କାର୍ଯ୍ୟକାରୀ କରିବା, ଜଳବାୟୁ ପରିବର୍ତ୍ତନ ଓ



ଉତାପକୁ କମାଇବା ପାଇଁ କାର୍ବନ ହ୍ରାସ କରିବା ଏବଂ ଅତ୍ୟଧିକ ଉତ୍ତାପ ବୃଦ୍ଧିଜନିତ ସଂକଟରୁ ଶ୍ରମିକମାନଙ୍କୁ ରକ୍ଷା କରିବା ପାଇଁ ମାଲିକ ଓ ଶ୍ରମିକ ମିଳିତ ଭାବରେ କାର୍ଯ୍ୟକ୍ରମ ଗ୍ରହଣ କରିବା, ଅତ୍ୟଧିକ ଉତ୍ତାପ ସମୟରେ କାର୍ଯ୍ୟବନ୍ଦ କରିବା, ଉତ୍ତାପଜନିତ ରୋଗ ପାଇଁ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ଓ ଆନ୍ତର୍ଜାତିକ ଶ୍ରମିକ ସଂଗଠନ କନ୍‌ଭେନସନ ୧୫୫, ୧୬୭ ଓ ୧୮୭କୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ଗତ ତା. ୧୧ ଓ ୧୨ ଜୁନ ତାରିଖରେ ଜେନେଭା ଠାରେ ଅନୁଷ୍ଠିତ ବିଶ୍ୱକାର୍ଯ୍ୟକାରୀ କମିଟିରେ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ସମସ୍ତ ସଭ୍ୟ ଓ କାର୍ଯ୍ୟକର୍ତ୍ତା ଓ ଗ୍ରୀନ ପିସ୍ ଆନ୍ଦୋଳନର କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟ ନିକଟରେ ଥିବା ଭଗ୍ନ ଚେୟାର ପାଖରେ ପୃଥିବୀର ଉତ୍ତାପ କମାଅ ଓ ଶ୍ରମିକଙ୍କୁ ଉତ୍ତାପ ଜନିତ ରୋଗ ଓ କଷ୍ଟରୁ ରକ୍ଷା କରିବା ଓ କ୍ଷତିପୁରଣ ଦେବା ପାଇଁ ସବୁ ଦେଶରେ ଆଇନ ପ୍ରଣୟନ କରିବା ଦାବୀରେ ଧାରଣା ଦେଇଥିଲେ। ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ସଭାପତି ପେଓ, ଉପସଭାପତି ପାଟ୍ରିକ୍, ସାଧାରଣ ସମ୍ପାଦକ ଆମ୍ବେଦ ୟୁସୁନ୍ ସମେତ ସାରା ବିଶ୍ୱରୁ ବିଭିନ୍ନ ଦେଶରୁ ଆସିଥିବା ୧୦୦ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।

## ପାଣିରେ ବୁଡ଼ି ମୃତ୍ୟୁ ରୋକିବା ପାଇଁ ନିଆଯିବ ପଦକ୍ଷେପ

ଭୁବନେଶ୍ୱର,୨୦।୬ (ମହାଭାରତ): ରାଜ୍ୟରେବିଭିନ୍ନ ନଦୀ, କେନାଲ, ଜଳାଶୟ ଏବଂ ସମୁଦ୍ର ଆଦିରେ ପାଣିରେ ବୁଡ଼ି ମୃତ୍ୟୁ ଘଟୁଥିବା ଭଳି ଦୁର୍ଘଟଣା ଏକ ଗଭୀର ଚିନ୍ତାଜନକ ବିଷୟ । ପ୍ରତିବର୍ଷ ଏଥି ଯୋଗୁଁ ଶହ ଶହ ସଂଖ୍ୟାରେ ଜୀବନହାନି ଘଟୁଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ପାଂଚ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୯,୦୦୦ ଜଣ ପାଣିରେ ବୁଡ଼ିଯିବା ହେତୁ ପ୍ରାଣ ହରାଇଛନ୍ତି, ଯାହା ମଧ୍ୟରେ ଅଧିକାଂଶ ଶିଶୁ ଓ ଯୁବବର୍ଗ ରହିଛନ୍ତି ।ଅସାବଧାନତା ହେତୁ ତଥା ବିଭିନ୍ନ କାରଣରୁ ପୋଖରୀ, ଖୋଲା କୂଅ, ବିପଦପୂର୍ଣ୍ଣ ଜଳାଶୟ,ନଦୀଘାଟ, ସମୁଦ୍ର, ଜଳପ୍ରପାତ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଏପରି ଜଳବୁଡ଼ି ଘଟଣା ଦେଖାଦେଉଛି। ଏହି ପରିପ୍ରେକ୍ଷୀରେ ପାଣିରେ ବୁଡ଼ି ମୃତ୍ୟୁକୁ ରୋକିବା ପାଇଁ ପ୍ରତିକାରାତ୍ମକ ବ୍ୟବସ୍ଥା ଏବଂ ଜନସଚେତନତା ସୃଷ୍ଟି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏକ ସମୀକ୍ଷା ବୈଠକ ଗୁରୁବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ଅଗ୍ନିଶମ ସେବାମହାନିର୍ଦ୍ଦେଶକ ଡ଼ଃ. ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ରିଲିଫ୍ କମିଶନର ପଦ୍ମନାଭ ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତି ରହି



ପାଣିରେ ବୁଡ଼ି ମୃତ୍ୟୁର କାରଣ ଓ ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ ।

ଅଗ୍ନିଶମ ସେବା ଓ ଗୃହରକ୍ଷୀ ବାହିନୀର ମହାନିର୍ଦ୍ଦେଶକ ଡ଼ଃ. ଷଡ଼ଙ୍ଗୀ ଏହି ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ପାଣିରେ ବୁଡ଼ି ମୃତ୍ୟୁ ପ୍ରତିବର୍ଷ ବହୁ ଜୀବନ ହାନି ଘଟୁଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଚିନ୍ତା ଓ ଦୁଃଖ ପ୍ରକାଶ କରି ଏହାର ପ୍ରତିକାରାତ୍ମକ ସୁଦୃଢ଼ ପଦକ୍ଷେପ ନେବାକୁ ରାମଚଣ୍ଡୀ ନିକଟସ୍ଥ'ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନଶିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଟ୍ୟୁଟ୍ (ଓସ୍ୱାଲି) ଠାରେ ପରାମର୍ଶ ଦେଇଥିବା ସେ ପ୍ରକାଶ କରିଥିଲେ । ସରକାରୀ ବିଭାଗ, ସ୍ଥାନୀୟ ପ୍ରଶାସନ, ବିଭିନ୍ନ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗ ଦ୍ୱାରା ପ୍ରତିକାରାତ୍ମକ ବ୍ୟବସ୍ଥା ଫଳରେ ଜଳରେ ବୁଡ଼ି ମୃତ୍ୟୁ ଦୁର୍ଘଟଣାରୁ ପ୍ରତିଟି ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇପାରିବ ବୋଲି ସେ ମତ ପୋଷଣ କରିଥିଲେ । ଆଗାମୀ ଦିନରେ ଏହି ଦୁର୍ଘଟଣା ଯେପରି ବହୁ ସଂଖ୍ୟାରେ ହ୍ରାସ ପାଇବ, ସେଥିପାଇଁ ଭୌଗୋଳିକ ସ୍ଥିତି ଏବଂ ଜଳାଶୟର ପ୍ରକୃତିକୁ ଆଧାରରେ ତଥ୍ୟ ବିଶ୍ଳେଷଣ କରାଯାଇ ବିପଦପୂର୍ଣ୍ଣ ସ୍ଥାନ ବା 'ବୁଡ଼ି ପ୍ରବଣ ବ୍ଲାକ୍ ସ୍ପଟ୍' ଗୁଡ଼ିକୁ ଚିହ୍ନଟ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ଗ୍ରାମ ପଂଚାୟତ ସ୍ତରରେ ଅତିକମରେ ୧ ରୁ ୨ ଜଣଙ୍କୁ ସ୍ଥାନୀୟ ଜୀବନରକ୍ଷକ (ଲାଇଫ୍‌ଗାର୍ଡ) ରୂପେ ପ୍ରଶିକ୍ଷଣ ଦିଆଯିବାକୁ ପ୍ରସ୍ତାବ ଦିଆଯାଇଛି। ଉପରୋକ୍ତ ସମସ୍ତ ବିପଦପୂର୍ଣ୍ଣ ସ୍ଥାନ ମାନଙ୍କରେ ସତର୍କ ସଂକେତ, ସୁରକ୍ଷା ରେଲିଂ, ବେରିକେଡ୍ ବ୍ୟବସ୍ଥା ଆଦି ସୁନିଶ୍ଚିତ କରାଯିବ ।ସମୁଦ୍ରରେ ସ୍ନାନ ସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଁ ସୁରକ୍ଷିତ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଭାସମାନ ବୁଏ, ଦଉଡ଼ି ଆଦି ସାଙ୍କେତିକ ସତର୍କ ବ୍ୟବସ୍ଥା ସହ ଅନ୍ୟ ରାଜ୍ୟ ଓ ଦେଶରେ ପ୍ରଚଳିତ ଉତ୍ତମ ସୁରକ୍ଷା ବ୍ୟବସ୍ଥାଗୁଡ଼ିକର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବ। ଖୋଲା କୂଅରେ ଆବରଣଯୁକ୍ତ ତାରଜାଲି ବ୍ୟବସ୍ଥା, ପର୍ଯ୍ୟଟନ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ବିଭିନ୍ନ ବିପଦସଂକୁଳ ସ୍ଥଳୀ ମାନଙ୍କରେ ଲାଇଫ୍ ଗାର୍ଡ ମୁତୟନ କରାଯିବାକୁ ଆଲୋଚନା କରାଯାଇଛି ।

## ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରାଓ କଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୨୦।୬ (ମହାଭାରତ): ଛାତ୍ର କଂଗ୍ରେସ ପକ୍ଷରୁ ବରିଷ୍ଠ ଛାତ୍ର କଂଗ୍ରେସ ନେତା ବିଭୁତି ଭୂଷଣ ମହାପାତ୍ର ଓ ସ୍ପନ୍ଦନ ସ୍ୱାଇଁ ଙ୍କ ନେତୃତ୍ୱରେ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରତିବାଦରେ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ ବାସଭବନକୁ ଘେରାଉ କରାଯାଇଥିଲା।

ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପ୍ରତି ସରକାର ବିଶ୍ୱାସଘାତକତା କରିଛନ୍ତି । ଏହି ପାଠ୍ୟପୁସ୍ତକ ମାନଙ୍କରେ କିଭଳି ୧୬୦୦ ରୁ ଉର୍ଦ୍ଧ୍ୱ ତ୍ରୁଟି ରହିଲା ଏବଂ ଏହି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କିଭଳି ଏତେ ସାଂଘାତିକ ତ୍ରୁଟି କଲେ ତାହା ଦୁର୍ଭାଗ୍ୟଜନକ । ଓଡ଼ିଶା ସରକାରଙ୍କର ମୌଳିକ ଶିକ୍ଷାରେ ଥିବା ପାଠ




ସଂପର୍କରେ ଜ୍ଞାନ ନଥିବା ଦର୍ଶାଇ ଏହି ବିକ୍ଷୋଭରେ ଛବିଳମଧୁ ବର୍ଣ୍ଣବୋଧ ବହି ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶାର ଗଣଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଓଡ଼ିଶାର ଲକ୍ଷ ଲକ୍ଷ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ବ୍ୟଥିତ କରିଛି । ଏହି ତ୍ରୁଟି ପାଇଁ ମୁଖ୍ୟମନ୍ତ୍ରୀ ହାତଯୋଡ଼ି ଓଡ଼ିଶାବାସୀଙ୍କୁ ଭୁଲ ମାଗିବାକୁ ଶ୍ରୀ ମହାପାତ୍ର କହିଛନ୍ତି । ତୁରନ୍ତ ଗଣଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର କରାଯିବା ସହ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ପୁନଃ ମୁଦ୍ରଣ କରି ଛାତ୍ରଛାତ୍ରୀଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯାଉ । ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଓଡ଼ିଆ ଅସ୍ମିତାର ଆହ୍ୱାନ ଦେଉଥିବା ମୋହନ ସରକାର ଏହି ତ୍ରୁଟି ପାଇଁ ସାଧାରଣ ଜନତାଙ୍କ ନିକଟରେ ଜବାବ ରଖନ୍ତୁ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ଏକ ଅକ୍ଷମଣୀୟ ଅପରାଧ । ସମଗ୍ର ଗଣଶିକ୍ଷା ବିଭାଗ ଏହି ତ୍ରୁଟି ପାଇଁ ସମଗ୍ର ଗଣଶିକ୍ଷା ବିଭାଗ କିପରି ଚାଲିଛି ତାହା ଏହି ତ୍ରୁଟିରୁ ଉପଲବ୍ଧ ହେଉଛି । ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାକୁ ଏଭଳି ଦୟନୀୟ ପରିସ୍ଥିତିକୁ ଠେଲି ଦିଆଯାଉଛି । ଏଭଳି ଅଜ୍ଞ ବ୍ୟବସ୍ଥାକୁ ନେଇ ଓଡ଼ିଶାର ଗଣଶିକ୍ଷା ବିଭାଗ କିଭଳି ଆଗେଇବ ବୋଲି ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ସୁଦିପ ସାମଲ, ମହମ୍ମଦ ଗୁଲଫାମ, ସୁନିଲ ସାହୁ ଗାନ୍ଧୀ, ସୁଶ୍ରୀ ବେହେରା, ବିଶ୍ୱଭୂଷଣ ମହାପାତ୍ର, ହରିଶଙ୍କର ରାଉତ, ପ୍ରିୟବ୍ରତ ସାମନ୍ତ ରାୟ, ଆର୍ଯ୍ୟାନ ସାସମଲ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ 'ୱି କ୍ୟାନ୍ ବେକ୍' ଉଦ୍‌ଯାପିତ

ଭୁବନେଶ୍ୱର,୨୦।୬ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସ୍‌ଏଚଏମ୍) ପକ୍ଷରୁ ଆରମ୍ଭ ହୋଇଥିବା ୬ ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ ବେକ୍' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ରାନ୍ଧଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ସ୍ଥାନରୁ ଭାଗ ନେଇଥିବା ୨୦ ପ୍ରତିଯୋଗୀଙ୍କୁ ମିଲେଟ୍ କୁକିଜ୍, ୱାଲନଟ୍ ବ୍ରାଉନି, ନାନ୍ ଖଟାଇ, ସ୍ୱିସ୍ ରୋଲ୍, ରେଡ୍ ଭେଲଭେଟ୍ କେକ୍, ପେଟିସ୍ ଏବଂ ଇଟାଲୀୟାନ୍ ହୋମ୍ ମେଡ୍ ପିଜା ସହିତ ବେକରୀ ଖାଦ୍ୟ ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯାଇଥିଲା। ଏସ୍‌ଏଚ୍‌ଏମ୍ ପ୍ରଫେସର ରଂଜନ କୁମାର ମଲ୍ଲିକ ପ୍ରତିଯୋଗୀମାନଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଲକ୍ଷ୍ୟ ନେଇ ରୁଚିକର ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ସେମାନେ ଏହାକୁ କିପରି ପରଷି ପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ



କରାଯାଇଥିଲା। ଏହି ଅବସରରେ ସୋଆ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଇନ୍ଦ୍ରିୟା, ଆଦିତ୍ୟବିର୍ଲା 'ଏକ ରାଗ'ର ଶୁଭାରମ୍ଭ

ଭୁବନେଶ୍ୱର,୨୦।୬ (ମହାଭାରତ): ଭାରତର ନୃତ୍ୟ, କାରିଗରୀ, ସ୍ଥାପତ୍ୟ ଏବଂ ଆଂଚଳିକ ପରମ୍ପରାର ସମୃଦ୍ଧ ସ୍ମାରକୀକୁ ଆଧାରକରି ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ ପକ୍ଷରୁ 'ଏକ ରାଗ' ନାମକ ଏକ ଆକର୍ଷଣୀୟ ସାଂସ୍କୃତିକ ପ୍ରଦର୍ଶନୀ ଉନ୍ମୋଚିତ ହୋଇଯାଇଛି। ଏହା ନୃତ୍ୟର ଦର୍ଶନ ଦ୍ୱାରା ଅନୁପ୍ରାଣୀତ, ଯେଉଁଠାରେ ଅଙ୍ଗଭଙ୍ଗୀ ହିଁ କାହାଣୀ ପାଲଟି ଯାଏ ଏବଂ ଶରୀର ଅଭିବ୍ୟକ୍ତିର ଏକ ମାଧ୍ୟମ ସାଜିଥାଏ। ଭାରତର ବିବିଧ ସାଂସ୍କୃତିକ ପରିଚୟକୁ ଏକ ସମନ୍ୱିତ ଛନ୍ଦରେ ପାଳନ କରିବା ଉଦ୍ଦେଶ୍ୟରେ ପରିକଳ୍ପିତ ଏହି ଅଭିଯାନ ହାଇଦ୍ରାବାଦ, ପୁଣେ, ଭୁବନେଶ୍ୱର ଏବଂ ଦିଲ୍ଲୀରେ ପ୍ରଦର୍ଶିତ ହେଉଛି। ପ୍ରତ୍ୟେକ ସହର ନିଜର ନୃତ୍ୟଶୈଳୀ, କଳାତ୍ମକ ପ୍ରଭାବ, ଅଳଙ୍କାର ପରମ୍ପରା ଏବଂ ବୈବାହିକ ଶୈଳୀ ମାଧ୍ୟମରେ ଏକ ଭିନ୍ନ ଆଂଚଳିକ ଆଖ୍ୟାନକୁ ଉପସ୍ଥାପନ କରୁଛି। ଏହା ବିଭିନ୍ନ ଅଂଚଳର କନ୍ୟାମାନଙ୍କ ବୈବାହିକ ସ୍ୱପ୍ନକୁ ପ୍ରତିଫଳିତ କରିବା ସହ ସେମାନଙ୍କୁ ଗାରିମା, ସୌନ୍ଦର୍ଯ୍ୟ, ଅଭିଳାଷ ଉତ୍ସବର ମିଳିତ ଭାବନା ଦ୍ୱାରା ଯୋଡ଼ିଥାଏ, ଯାହା ନିଜ ସ୍ୱପ୍ନର କନ୍ୟା ସାଜିବାର ଆକାଂକ୍ଷାକୁ ଜୀବନ୍ତ କରିଥାଏ। ଭୁବନେଶ୍ୱରରେ, ଏକ ରାଗ ଓଡ଼ିଶାର ଅନ୍ୟତମ ପ୍ରାଚୀନ ଶାସ୍ତ୍ରୀୟ ନୃତ୍ୟ ପରମ୍ପରା ଓଡ଼ିଶୀର ଭାସ୍କର୍ଯ୍ୟପୂର୍ଣ୍ଣ ସୌନ୍ଦର୍ଯ୍ୟ ଏବଂ ଅଭିବ୍ୟକ୍ତିର ମାଧୁର୍ଯ୍ୟ ଦ୍ୱାରା ଅନୁପ୍ରାଣୀତ, ଯାହା ଏହାର ଲାଳିତ୍ୟ ପୂର୍ଣ୍ଣମୁଦ୍ରା ଓ ଜଟିଳ ଅଙ୍ଗଚାଳନା ପାଇଁ ଜଣାଶୁଣା। ନେକ୍ସସ୍ ଏସପ୍ଲାନେଡ୍ ମଲଠାରେ ସ୍ଥାପିତ ଏହି ପ୍ରଦର୍ଶନୀ ଅଞ୍ଚଳ ସହିତ ଗଭୀର ଭାବେ ଜଡ଼ିତ ସାଂସ୍କୃତିକ ପ୍ରତୀକ, ଯେପରିକି କଳ୍ପବୃକ୍ଷ ଏବଂ କୋଣାର୍କ ଚକ୍ରକୁ ଏକାଠି କରି ନିରନ୍ତରତା, ସମୃଦ୍ଧି ଏବଂ ସମୟର ଗତିକୁ ନେଇ ଏକ ଦୃଶ୍ୟମାନ ଆଖ୍ୟାନ ସୃଷ୍ଟି କରିଛି।

## ମୌସୁମୀ ପାଇଁ ପୂର୍ବତଟ ରେଳପଥର ପ୍ରସ୍ତୁତି

ଭୁବନେଶ୍ୱର,୨୦।୬ (ମହାଭାରତ): ମୌସୁମୀ ଋତୁ ଆରମ୍ଭ ହେବା ସହିତ, ବର୍ଷା ଦିନେ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନ ଗୁଡ଼ିକରେ ୧୦ ଜୁନ୍ ରୁ ୨୫ ସେପଟ୍ମେର ପର୍ଯ୍ୟନ୍ତ 'ମୌସୁମୀ ସତର୍କତା' ଉପରେ ଏକ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ପ୍ରବଳ ବର୍ଷା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଥିବା ରେଳ ସମ୍ପତି ଗୁଡ଼ିକର ବ୍ୟାପକ ଯାଞ୍ଚ, ପ୍ରତିଷେଧକ ରକ୍ଷଣାବେକ୍ଷଣ ଏବଂ ତୀକ୍ଷ୍ଣ ତଦାରଖ ରଖାଯିବା ଅନ୍ତର୍ଭୁକ୍ତ। ଟ୍ରାକ୍, ବ୍ରିଜ୍ (ପୋଲ), କଲଭର୍ଟ, ଟନେଲ୍ (ସୁଡ଼ଙ୍ଗ), ଏମ୍ବ୍ୟାଙ୍କମେଂଟ (ବନ୍ଧ), କଟିଙ୍ଗ୍, ଡ୍ରେନେଜ୍ ବ୍ୟବସ୍ଥା, ସିଗନାଲିଂ ବ୍ୟବସ୍ଥା, ବୈଦ୍ୟୁତିକ ସମ୍ପତି ଏବଂ ଓଭରହେଡ୍ ଉପକରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ପ୍ରସ୍ତୁତିମୂଳକ ପଦକ୍ଷେପ ସ୍ୱରୂପ ରେଳ ଧାରଣା ସଂଲଗ୍ନ ନଦୀ, ପୋଲ ଏବଂ କଲଭର୍ଟ ଗୁଡ଼ିକର ଜଳସ୍ତର ଉପରେ କଡ଼ା ନଜର ରଖାଯିବ। ବନ୍ୟା, ମୃତ୍ତିକା କ୍ଷୟ, ଭୂସ୍ଖଳନ , ପାହାଡ଼ ଧସିବା ଏବଂ ପଥର ଖସିବା ଭଳି ଆଶଙ୍କା ଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ବିଶେଷ




ଦୃଷ୍ଟି ଦିଆଯାଉଛି। ରିଟେନିଂ ୱାଲ୍ (ପ୍ରତିରୋଧକ ପ୍ରାଚୀର), ବୋଲ୍ଡର ନେଟ୍ ଏବଂ ନଦୀ-ପ୍ରଶିକ୍ଷଣ କାର୍ଯ୍ୟ ଭଳି ସୁରକ୍ଷାମୂଳକ ଗଠନଗୁଡ଼ିକୁ ଭଲଭାବେ ଯାଂଚ କରାଯାଉଛି ଏବଂ ଆବଶ୍ୟକ ସ୍ଥଳେ ସୁଦୃଢ଼ କରାଯାଉଛି। ପ୍ରତିକୂଳ ପାଗ ସମୟରେ ପ୍ରଭାବଶାଳୀ ନଜର ରଖିବା ଏବଂ ଉତମ ଦୃଶ୍ୟମାନତା ସୁନିଶ୍ଚିତ କରିବା ପାଇଁ ପୋଲ ଏବଂ ରେଳଧାରଣା ନିକଟରେ ଥିବା ଗଛଲତା ଓ ବୁଦାଗୁଡ଼ିକୁ ମଧ୍ୟ ସଫା କରାଯାଉଛି। ଏହି ମୌସୁମୀ ସୁରକ୍ଷା ଅଭିଯାନରେ ଦୁର୍ବଳ ଟ୍ରାକ୍ ସେକ୍ସନ ଗୁଡ଼ିକରେ ବ୍ୟାପକ ପାଟ୍ରୋଲିଂ, ସମ୍ବେଦନଶୀଳ ସ୍ଥାନଗୁଡ଼ିକର ନିୟମିତ ଯାଂଚ ଏବଂ ଚିହ୍ନଟ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୱାଚ୍‌ମ୍ୟାନ୍ (ଜଗୁଆଳି) ମୁତୟନ କରାଯିବା ଅନ୍ତର୍ଭୁକ୍ତ ଅଟେ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବାଲିବସ୍ତା, ବାଲାଷ୍ଟ (ପଥରଗୁଡ଼ି) ଏବଂ ମୋରମ ସହିତ ପର୍ଯ୍ୟାପ୍ତ ପରିମାଣର ଜରୁରୀକାଳୀନ ସାମଗ୍ରୀ ରଣନୀତିକ ଭାବେ ଗଚ୍ଛିତ କରି ରଖାଯାଇଛି। ଜଳବନ୍ଦୀ ଏବଂ ଆଦ୍ରତା ଦ୍ୱାରା ସୃଷ୍ଟି ହେଉଥିବା ବ୍ୟାଘାତକୁ ରୋକିବା ପାଇଁ ସିଗନାଲିଂ ଏବଂ ଦୂରସଂଚାର ବ୍ୟବସ୍ଥା, ଟ୍ରାକ୍ ସର୍କିଟ୍, ରିଲେ ରୁମ୍, ପଏଣ୍ଟ ମେସିନ୍ ଏବଂ ଲୋକେସନ ବକ୍ସ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି।

## ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଜନତା କଂଗ୍ରେସ

ଭୁବନେଶ୍ୱର,୨୦।୬ (ମହାଭାରତ): ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ପ୍ରକାଶନରେ ଦେଖାଦେଇଥିବା ଯାବତୀୟ ତ୍ରୁଟି ଓ ବିଭ୍ରାଟରେ ସଂପୃକ୍ତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ ସହ ଛାତ୍ରଛାତ୍ରୀମାନଙ୍କୁ ତୁରନ୍ତ ସଠିକ୍ ତ୍ରୁଟିମୁକ୍ତ ପୁସ୍ତକ ଯୋଗାଇ ଦେବାପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଦାବି କରିଛି।

ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ କୁହାଯାଇଛି ଯେ ପାଠ୍ୟପୁସ୍ତକରେ ମୁଖ୍ୟତଃ ଭାଷା ସାହିତ୍ୟ ବହିରେ ବ୍ୟାପକ ତ୍ରୁଟି, ଭାଷା ସଂଯୋଜନାରେ ମାଳ ମାଳ ଭୁଲ୍ ଯୋଗୁଁ ପ୍ରାଥମିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଯାବତୀୟ ବିଭ୍ରାଟ ସୃଷ୍ଟି ହୋଇଛି ଓ ଶିକ୍ଷାଦାନ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଏହି ପୁସ୍ତକ ପ୍ରକାଶନରେ ୫୦ରୁ ୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏଭଳି ଓଡିଆ ଭାଷା ବହି ପ୍ରକାଶନରେ ତ୍ରୁଟି ଯୋଗୁଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ଦଳ ଦାବି କରିଛି ।ସେହିପରିଏହି ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁକରାଯାଉ। ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ଅଧିକାରୀ ଓ ସଂସ୍ଥାଙ୍କ ଠାରୁ ତୁରନ୍ତ ପ୍ରକାଶନ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ ଆଦାୟ କରାଯାଉ । ନଚେତ୍ ମୁଖ୍ୟମନ୍ତ୍ରୀ ନିଜ ପକେଟରୁ ଏହି ଅର୍ଥ ଭରଣା କରନ୍ତୁ । ସେହିପରି ଯୋଗାଇ ଦିଆଯାଇଥିବା ତ୍ରୁଟିପୂର୍ଣ୍ଣ ସମସ୍ତ ପୁସ୍ତକ ପ୍ରତ୍ୟାହାର କରାଯାଇ ପୁସ୍ତକ ଗୁଡିକର ପୁନଃସଂସ୍କରଣ କରାଯାଇ ତୁରନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଇ ଦିଆଯାଉ । ଏହି ବିଭ୍ରାଟ ପାଇଁ ଶିକ୍ଷାମନ୍ତ୍ରୀ ସଂପୂର୍ଣ୍ଣ ଦାୟୀ । ତେଣୁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ। ଓଡିଆ ଭାଷା ସାହିତ୍ୟ ଉପରେ ଅଜ୍ଞ, ଅନଭିଜ୍ଞ ଶିକ୍ଷକମାନଙ୍କୁ ଏହି ପୁସ୍ତକ ପ୍ରକାଶନ ଦାୟିତ୍ୱରୁ ଦୂରେଇ ରଖି, ବିଜ୍ଞ, ଜ୍ଞାନୀଗୁଣୀ

## ଶିବସେନାରେ ବିଭାଜନ

ଶିବସେନାରେ ଆଉ ଏକ ବିଭାଜନ ସମ୍ଭାବନା ସୃଷ୍ଟି ହୋଇଛି। ଉଦ୍ଧବ କହୁଛନ୍ତି ଯେ, ଶିବସେନାକୁ ତାଙ୍କଠାରୁ କେହି ଛଡ଼ାଇ ନେଇପାରିବେ ନାହିଁ ସେ ଏପରି ଭାବେ କହୁଛନ୍ତି ଯେମିତିକି ଶିବସେନା ତାଙ୍କର ପୈତୃକ ସମ୍ପତ୍ତି ଏବଂ ଏହି ଦଳର ମାଲିକାନା କେବଳ ତାଙ୍କ ପରିବାର ହାତରେ ରହିବ। ତାଙ୍କ ପରେ ତାଙ୍କ ପୁଅ ଆଦିତ୍ୟ ଠାକରେ ହେବେ ଶିବସେନାର ମାଲିକ। ଯାହା ଜଣାପଡୁଛି କଂଗ୍ରେସର ରୋଗ ଏବେ ଶିବସେନାକୁ ମଧ୍ୟ ସଂକ୍ରମିତ କରିଛି। ଏହା ହିଁ ଶିବସେନାର ପତନ ଲାଗି ମୁଖ୍ୟ କାରଣ ହେବେ। ଯେଉଁ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ, ସେହି ଦଳ ଦିନେ ଧ୍ୱଂସ ହେବ। ଶିବସେନାର ପ୍ରତିଷ୍ଠାତା ବାଲା ସାହେବ ଠାକରେ ତାଙ୍କ ପରେ ତାଙ୍କ ଦଳର ନେତୃତ୍ୱ ତାଙ୍କ ପରିବାର ହାତରେ ରହିବ ବୋଲି କେଉଁଠି କହିନାହାଁନ୍ତି। ଏବେ ଉଦ୍ଧବ ଓ ତାଙ୍କ ପୁଅ ଆଦିତ୍ୟ ତାଙ୍କ ନିଜ ଲୋକେ ତାଙ୍କୁ ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। କିନ୍ତୁ ସେ ଭୁଲି ଯାଉଛନ୍ତି ଯେ, ସେମାନେ ମହାରାଷ୍ଟ୍ରବାସୀଙ୍କୁ ପ୍ରତାରଣା କରିଛନ୍ତି। ରାଜ୍ୟରେ ୨୦୨୦ବିଧାନସଭା ନିର୍ବାଚନରେ ଲୋକେ ବିଜେପି-ଶିବସେନା ମେଣ୍ଟ ପ୍ରତି ଅକୁଣ୍ଠ ସମର୍ଥନ ପ୍ରକାଶ କରିଥିଲେ। ବିଧାନସଭା ନିର୍ବାଚନରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିଶଙ୍କ ନେତୃତ୍ୱରେ ଏନଡିଏକୁ ଲୋକେ ସ୍ପଷ୍ଟ ବହୁମତ ଦେଇଥିଲେ। ବିଜେପି ଏକାକି ୧୦୬ ଓ ଶିବସେନା ୫୫ ଆସନ ଦଖଲ କରିଥିବା ବେଳେ ଅନ୍ୟ ସହଯୋଗୀ ମାନେ ୭ଟି ଆସନ ଦଖଲ କରିଥିଲେ। ଦେବେନ୍ଦ୍ର ଫଡ଼ନାବିଶଙ୍କ ନେତୃତ୍ୱ ସପକ୍ଷରେ ସ୍ପଷ୍ଟ ଜନମତ ଥିଲା। କିନ୍ତୁ ନିର୍ବାଚନ ପରେ ଉଦ୍ଧବ ଠାକରେ ନିଜ ପୁଅକୁ ମୁଖ୍ୟମନ୍ତ୍ରୀ କରିବା ଯିଦରେ ଅଟଳ ରହି ବିଜେପି ସହ ସମ୍ପର୍କ ଛିନ୍ନ କଲେ। କ୍ଷମତା ଲୋଭ ତାଙ୍କୁ ଅନ୍ଧ କରି ଦେଇଥିଲା। ଏହା ପୂର୍ବରୁ ବିଜେପି ସହ ମେଣ୍ଟ ଏବଂ କ୍ଷମତାର ଅଂଶୀଦାର ଥିଲେ ମଧ୍ୟ ଶିବସେନା ବିଭିନ୍ନ ପ୍ରସଙ୍ଗରେ ବିଜେପି ଏବଂ କେନ୍ଦ୍ରରେ ମୋଦି ସରକାରଙ୍କୁ ବାରମ୍ବାର ସମାଲୋଚନା କରି ଆସୁଥିଲା ଏବଂ କେନ୍ଦ୍ର ସରକାରଙ୍କ ପ୍ରତି ଅତି ଅରୁଚିକର, କଟୁ ମନ୍ତବ୍ୟ ପ୍ରଦାନ କରି ଆସୁଥିଲା। ସେତିକି ବେଳୁ ବିଜେପି ସତର୍କ ହୋଇଯିବାର ଥିଲା ଏବଂ ଶିବସେନାକୁ ବିଶ୍ୱାସକୁ ନେବା ଉଚିତ ନଥିଲା। ଗୋଟିଏ ମେଣ୍ଟରେ ଥିବା ଦଳ ନିଜ ସହଯୋଗୀ ଏବଂ ବନ୍ଧୁ ଦଳ ପ୍ରତି ଏପରି ବ୍ୟବହାର କରିବା କଦାପି ଗ୍ରହଣୀୟ ନଥିଲା। ଶିବସେନାର ମୁଖପତ୍ର ସାମନାରେ ଯେପରି ଭାବେ ବିଜେପି ନେତୃତ୍ୱ ବିରୋଧରେ ସ୍ୱର ଉତ୍ତୋଳନ କରାଯାଉଥିଲା ତାହା ଶିବସେନାରେ ଆଭିମୁଖ୍ୟ ନେଇ ସନ୍ଦେହ ସୂତ୍ରପାତ କରିଥିଲା। କିନ୍ତୁ ବିଜେପି ନିଜ ସହଯୋଗୀ ଦଳ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିଥିଲା। ଏହାର ମୂଲ୍ୟ ଶିବସେନା ଦେଇ ପାରିଲା ନାହିଁ। ବିଧାନସଭା ନିର୍ବାଚନରେ ଯେଉଁ କଂଗ୍ରେସ ଓ ଏନସିପି ବିରୋଧରେ ଶିବସେନା ଲଢ଼ିଥିଲା, ସେହି କଂଗ୍ରେସ ଓ ଏନସିପି ସହ ହାତ ମିଳାଇ ସରକାର ଗଠନ କଲା। ଏହା କ'ଣ ମହାରାଷ୍ଟ୍ରବାସୀଙ୍କ ପ୍ରତି ପ୍ରତାରଣା ନଥିଲା ? ଏହା କ'ଣ ଜନତାଙ୍କ ଆଶା ଓ ବିଶ୍ୱାସ ପ୍ରତି କୁଠାରଘାତ ନଥିଲା ? ସେତେବେଳେ ଉଦ୍ଧବଙ୍କ ନୀତି, ନୈତିକତା ଏବଂ ବିଶ୍ୱାସ କେଉଁଠି ଥିଲା ? ଏବେ ଉଦ୍ଧବ କହୁଛନ୍ତି ଯେ, ତାଙ୍କ ନିଜ ଲୋକ ତାଙ୍କୁ ଧୋକା ଦେଲେ। କିନ୍ତୁ ଯିଏ ନିଜେ ବନ୍ଧୁଦ୍ରୋହୀ ତାଙ୍କ ମୁହଁରେ ବିଶ୍ୱାସ, ପ୍ରତାରଣା ଭଳି ଶବ୍ଦ ଶୋଭାପାଉନି। ସମ୍ଭବତଃ ମହାରାଷ୍ଟ୍ରରେ ଯେଉଁ ମହାନାଟକ ହେଲା ତାହା ଅବଶ୍ୟମ୍ଭାବୀ ଥିଲା। ୨୦୨୫ ବିଧାନସଭା ନିର୍ବାଚନରେ ମହାରାଷ୍ଟ୍ରବାସୀ ଏହାର ଜବାବ ଦେଇଛନ୍ଦତି। ନିର୍ବାଚନରେ ଉଦ୍ଧବ ଠାକରେଙ୍କ ଶିବସେନା ମୂଳପୋଛ ହୋଇଯାଇଛି। ପୌର ନିର୍ବାଚନରେ ମଧ୍ୟ ଶିବସେନା ହାତରୁ ମୁମ୍ବାଇ ଚାଲିଗଲା।

## ସାଧୁ - ସର୍ବ ଭୂତ ହିତେ ରତଃ


॥ ହେମନ୍ତ କୁମାର ପରିଡ଼ା ॥


"

;ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ୍ୟ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରାଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ୍ୟ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାଟି ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜୋଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଷାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ – 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଳମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜ୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ତ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ତ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ତ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲୁଣ୍ଠିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କ୍ରୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।


ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬


## ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ


॥ ଗୋପାଳ ମହାପାତ୍ର ॥


ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ୍ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ୍ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ୍ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ୍ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ୍ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ୍ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ୍ ନୁହେଁ। ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର


## ମହାତ୍ମାଙ୍କ ଶେଷ ଦିନ ଓ ପରମପିତା


॥ ଉମେଶ ଚନ୍ଦ୍ର ପାତ୍ର ॥


ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ – କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ – ଆଉ ତାର କଣ ଏହି ପ୍ରତିଦାନ ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ – ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ଦେଉ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିଦେଉ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ – ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍‌ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ – ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା – " "ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ବାଲିପାଟଣା ବ୍ଲକରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ବାଲିପାଟଣା, (ମହାଭାରତ) : ବାଲିପାଟଣା ରାଜ୍ୟ ବିଜେପି ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଗତ ୧୨ ତାରିଖ ଦିନ ହୋଇ ତୃତୀୟ ବର୍ଷରେ ପଦାର୍ପଣ କରିଛି । ଏହି ଦୁଇ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟ ସମେତ ବାଲିପାଟଣା ବ୍ଲକରେ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଜନ କଲ୍ୟାଣ ଯୋଜନା ଗୁଡ଼ିକର ସଫଳତାକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ବିକାଶର ଧାରା ଓଡ଼ିଶା ସାରା ଅନୁଷ୍ଠିତ ହୋଇଯାଇଛି । ବିଡିଓ ଶୁଭ୍ରାଂଶୁ ଶେଖର ପାଢୀଙ୍କ ଅଧ୍ୟକ୍ଷତାରେ ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରାଜଲକ୍ଷ୍ମୀ ଦାସ,ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା , ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ ପ୍ରମୁଖ ଯୋଗଦେଇ ସରକାରଙ୍କ ୨ ବର୍ଷର ବିଭିନ୍ନ କ୍ଷେତ୍ରରେ ହୋଇଥିବା ଏବଂ କରାଯାଇଥିବା କଲ୍ୟାଣମୂଳକ ଯୋଜନାଗୁଡ଼ିକର ରୁପେଲି ପରଦା ଏବଂ ବିଭିନ୍ନ ବିଭାଗର ଷ୍ଟଲ୍ ଦ୍ୱାରା ପ୍ରଦର୍ଶନ କରାଯିବା ସହିତ ସରକାରଙ୍କ ଉକ୍ତ ଯୋଜନା ଗୁଡ଼ିକ ଦ୍ୱାରା ସର୍ବସାଧାରଣ ରଣ କିଭଳି ଭାବେ ଲାଭାନ୍ୱିତ, ସଠିକ୍ ବ୍ୟବହାର କରି ନିଜର ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ବଲମ୍ବନ ହୋଇପାରିବେ ସେସବୁ ଉପରେ ଆଲୋକପାତ କରିଥିଲେ ଓ ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୧,୧୪୫ ଜଣ ଲୋକ ସାମିଲ ହୋଇଥିଲେ । ୧୬ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା ।ଏହି ଶିବିର ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ମୋଟ ୧୦୩ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କର ପ୍ରାପ୍ୟ ଓ ସହାୟତା ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ଜେନା ପରିଚାଳନା କରିଥିଲେ ।

## ଚେନାଇରାଧା କମ୍ପାନୀ ପ୍ରତିଷ୍ଠାତାଙ୍କ ଜନ୍ମଦିନରେ ପୂଜାର୍ଚ୍ଚନା ଓ ରକ୍ତଦାନ ସହ ଦୀର୍ଘଜୀବନ କାମନା କଲେ କର୍ମଚାରୀ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା ଚେନାଇରାଧା କମ୍ପାନୀ ର ପ୍ରତିଷ୍ଠାତା ଓ ମୁଖ୍ୟ ଏସ.ଭେଙ୍କଟେସନ ଙ୍କ ୮୧ତମ ଜନ୍ମ ଦିବସ କୁ ଧୁମଧାମ ରେ ପାଳନ କରିଛନ୍ତି କମ୍ପାନୀର କର୍ମଚାରୀ । ଏହି ଅବସରରେ ଶନିବାର ଦିନ ମନ୍ଦିରରେ ପୂଜାର୍ଚ୍ଚନା, ଦ୍ୱିପଦାନ, ବୃକ୍ଷ ରୋପଣ ଠାରୁ ଆରମ୍ଭ କରି ସ୍ୱେଚ୍ଛାକୃତ ଭାବରେ କର୍ମଚାରୀ ମାନେ ରକ୍ତଦାନ କରିଥିଲେ । ପାରାଦୀପ ମଧୁବନ ବାତ୍ୟା ଆଶ୍ରୟସ୍ଥଳ ରେ ଆୟୋଜିତ ଏହି ରକ୍ତଦାନ ଶିବିର ରୁ ପ୍ରାୟ ୨୦୦ ୟୁନିଟ ରୁ ଉର୍ଦ୍ଧ ରକ୍ତ ସଂଗୃହିତ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମ ରେ ପାରାଦୀପ ଚେନ୍ନାଇ ରାଧା ଇଞ୍ଜିନିଅରିଙ୍ଗ ମୁଖ୍ୟ ଏ ରମେଶ, ହୃଷିକେଶ ମଣ୍ଡଳ, ପି.ସେନ୍ଥିଲ କୁମାର, ବଳଭଦ୍ର ସାହୁ, ଅମରେଶ ସ୍ୱାଇଁ, ପ୍ରଣବ ଜେନାଙ୍କ ସହିତ କମ୍ପାନୀ ର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ରେ ସହଯୋଗ କରିଥିଲେ ।

## ଜଗତସିଂହପୁର ଜିଲ୍ଲାରେ ଏସଆଇଆର ଫର୍ମ ବଣ୍ଟନ କାର୍ଯ୍ୟକ୍ରମ ୧୪ ବିଏଲଓ ଓ ୩ ସୁପରଭାଇଜର ସମ୍ବର୍ଦ୍ଧିତ




ପାରାଦ୍ୱୀପ, (ମହାଭାରତ) : ଜଗତସିଂହପୁରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି । ଏହି କ୍ରମରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଶୁକ୍ରବାର ଦିନ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ ପରିଦର୍ଶନ କରି ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ୧୪ ଜଣ ବିଏଲଓ ଏବଂ ୩ ବିଏଲଓ ସୁପରଭାଇଜର ଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି । ଏହି ଅବସର ରେ ଏଇଆରଓ ତଥା ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ,କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଉପସ୍ଥିତ ଥିଲେ । ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ । ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ । ବିଏଲଓ ମାନେ ହେଲେ ବୁଥ ନମ୍ବର ୨୯ ର ଶୁକଲତା ବେହେରା,ବୁଥ ନମ୍ବର ୨୬ ର ରାଜଲକ୍ଷ୍ମୀ ସେନାପତି, ବୁଥ ନମ୍ବର ୪୦ ର ଅନୁପମା ଦାସ,ବୁଥ ନମ୍ବର ୭୧ ର ପାର୍ବତୀ ମହାନ୍ତି, ବୁଥ ନମ୍ବର ୨୨ ର ମଞ୍ଜୁଲତା ସୁତାର, ବୁଥ ନମ୍ବର ୩୮ ର ରୀତାବାଳା ସ୍ୱାଇଁ,ବୁଥ ନମ୍ବର ୨୫ ର ସଙ୍ଗୀତା ଶତପଥୀ, ବୁଥ ନମ୍ବର ୬୮ ର ରଶ୍ମୀ ନାୟକ,ବୁଥ ନମ୍ବର ୨୦ ର କଳ୍ପନା ବେହେରା,ବୁଥ ନମ୍ବର ୨୧ ର ଅନ୍ନପୂର୍ଣ୍ଣା ସେଠୀ, ବୁଥ ନମ୍ବର ୭୩ ର ରୀନାରାଣୀ ଦାସ, ବୁଥ ନମ୍ବର ୧୧୫ ର ଜ୍ୟୋତ୍ସ୍ନାବାଳା ମହାନ୍ତି, ବୁଥ ନମ୍ବର ୯୭ ର ମନୋରମା ଦାସ, ବୁଥ ନମ୍ବର ୯୮ ର ଇନ୍ଦୁବ୍ରଜ ଲେଙ୍କା । ବିଏଲଓ ସୁପରଭାଇଜର ମାନେ ହେଲେ ସହଦେବ ଗୁରୁ, ସଚଳା ମହାନ୍ତି ଓ ଲୋକନାଥ ବେହେରା ।

## ବ୍ରାଉନ ସୁଗାର ସହ ୩୦ ଲକ୍ଷ ୯୫ ହଜାର ଟଙ୍କା ଜବତ

ଅନୁଗୋଳ,(ମହାଭାରତ): ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ତୁରଙ୍ଗ ରାଜ ନଗର ସାହି ରୁ ୮ଗ୍ରାମରୁ ଉର୍ଦ୍ଧ ବ୍ରାଉନ ସୁଗାର ସହ ୩୦ ଲକ୍ଷ ୯୫ ହଜାର ଟଙ୍କା ସହ ୨୨ ଟି ମୋବାଇଲ ଫୋନ ଜବତ କରିବା ସହ ତିନି ଜଣ ପୁରୁଷ ଏବଂ ଜଣେ ମହିଳା ଙ୍କୁ କାବୁ କରିଛି ପୋଲିସ । ସୂଚନା ଯେ, ଟାଉନ ଥାନା ଅନ୍ତର୍ଗତ ତୁରଙ୍ଗ ଗ୍ରାମ ରାଜ ନଗର ସାହିରେ ବ୍ରାଉନ ସୁଗାର କାରବାର କରାଯାଉଥିବା ପୋଲିସ ଖବର ପାଇଥିଲା । ଯାହା ଫଳରେ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଙ୍କ ନେତୃତ୍ୱରେ ସ୍ପେସିଆଲ ସ୍କାର୍ଡ ଏବଂ ଟାଉନ ପୋଲିସ ମିଳିତ ହୋଇ ଚଢ଼ାଉ କରିଥିଲା । ଏକ ସ୍କୁଟି(ଡଓ ୧୯ ଙ୍ଖ ୫୪୮୦) ୩୦୦ ପ୍ୟାକେଟ୍ ଦେଶୀ ମଦ (୬୦ ଲିଟର) ଜବତ ହେଇଛି । ଏହି ଘଟଣା ଚାରି ଜଣ ତଥା ତିନି ଜଣ ପୁରୁଷ ଏବଂ ଜଣେ ମହିଳା ଙ୍କୁ ପୋଲିସ କାବୁ କରିଥିବା ନେଇ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ପ୍ରେସମୀଟି କରି ସୂଚନା ଦେଇଛନ୍ତି ।ଅନୁଗୋଳ ଜ ?ିଲ୍ଲାକୁ ନିଶା ମୁକ୍ତ କରିବାକୁ ଆଗକୁ ଏପରି ପଦକ୍ଷେପ ଜାରି ରହିବ ବୋଲି ମଧ୍ୟ ଏସପି ସୂଚନା ଦେଇଛନ୍ତି ।

# ପାନୀୟ ଜଳ ପାଇଁ ନଙ୍ଗଲବେଡା ଗ୍ରାମବାସୀଙ୍କ ରାସ୍ତା ଅବରୋଧ



ଲାଞ୍ଜିଗଡ, (ମହାଭାରତ): ଲାଞ୍ଜିଗଡ ବ୍ଲକ ଛତ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଙ୍ଗଲବେଡା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଶନିବାର ସକାଳ ୭ ଘଣ୍ଟା ସମୟରୁ ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିବା ସହ ରାସ୍ତା ଉପରେ ହାଣ୍ଡି, ଗରା,ବାଲଟି ରଖି ପ୍ରତିବାଦ କରିଛନ୍ତି । ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହିଥିବା ବେଳେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସୂଚନାନୁସାରେ ନଙ୍ଗଲବେଡା ଗାଁରେ ବସୁଧା ଜଳଯୋଗାଣ ପାଇଁ ଟାଙ୍କି ନିର୍ମାଣ ହୋଇଛି କିନ୍ତୁ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ବିଭିନ୍ନ ଜାଗାରେ ପାଇପ ଲିକେଜ ହେବାର ଦେଖାଦେଇଥିଲା ତେଣୁ ଜଳ ଯୋଗାଣ ବନ୍ଦ ହୋଇଯାଇଥିଲା ନଙ୍ଗଲବେଡା ଗ୍ରାମର ୧୪ ପଡା ରହିଥିବା ବେଳେ ପ୍ରାୟ ୩ ଶହ ପରିବାର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଜନ ସଂଖ୍ୟା ରହିଥିବା ବେଳେ ନିର୍ଦ୍ଦିଷ୍ଟ ଭାବେ ନଳକୂପ ବ୍ୟବସ୍ଥା ଥିଲେ ମଧ୍ୟ ଜଳ ସଙ୍କଟ ଦେଖା ଦେଇଛି । ନଙ୍ଗଲବେଡା ଗ୍ରାମବାସୀ ପୂର୍ବରୁ ମଧ୍ୟ ଏହି ପାନୀୟଜଳ ସମସ୍ୟାକୁ ନେଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଅନେକ ଥର ଅଭିଯୋଗ କରିବା ପରେ ମଧ୍ୟ କେହି ନଶୁଣିବାରୁ ଶେଷରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡ଼ିଓଙ୍କୁ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ ବୋଲି ଗ୍ରାମବାସୀ ଜଣାଇଛନ୍ତି । ଏମିତି ବାରମ୍ବାର ଅଭିଯୋଗ ପରେ ବି କୌଣସି ପ୍ରକାର ସମସ୍ୟାର ସମାଧାନ ନ ହେବାରୁ ବାଧ ହୋଇ ଆଜି ଗ୍ରାମବାସୀ ସମସ୍ତେ ବହୁ ସଂଖ୍ୟାରେ ଏକତ୍ରିତ ହୋଇ ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ହାଣ୍ଡି, ଗରା,ବାଲଟି ରଖି ରାସ୍ତାରୋକ କରିଥିବା ଦେଖିବାକୁ ମିଳିଛି କ୍ଷ ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସଆଇ ମୋହନ ପରଜା ପୋଲିସ ବଳ ସହିତ ଘଟଣା ସ୍ଥଳରେ ପହଞ୍ଚିଥିଲେ ଓ ଖବର ପାଇ ଜଳ ଯୋଗାଣ ଯନ୍ତ୍ରୀ ଦଶମନ୍ତ ମାଝୀ ଘଟଣା ସ୍ଥଳରେ ପହଞ୍ଚି ସୋମବାର ଠାରୁ ବସୁଧା ପାଇପ ଗୁଡ଼ିକୁ ଯାଞ୍ଚ କରି ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଲା ପରେ ରାସ୍ତା ଅବରୋଧ ହଟିଲା ଓ ଦୀର୍ଘ ୪ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଲା ପରେ ରାସ୍ତାରେ ଚଳାଚଳ ସ୍ୱାଭାବିକ ହେଲା ।

## ଭତ୍ତା ପାଇଁ ବିଧାୟକଙ୍କୁ ଗୁହାରୀ ଜଣାଇଲେ ବୃଦ୍ଧ ବୃଦ୍ଧା

ଗୁମ୍ମା, (ମହାଭାରତ) : ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସଭାରେ ଯୋଗ ଦେବା ପାଇଁ ବିଧାୟକ ରୂପେଶ ପାଣିଗ୍ରାହୀ ଗୁମ୍ମା ଗସ୍ତ କରିଥିଲେ । ଏହି ସମୟରେ କିଛି ବୃଦ୍ଧ ବୃଦ୍ଧା ଗତ କିଛି ମାସ ଧରି ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ବିକଳାଙ୍ଗ ଭତ୍ତା ପାଇ ନଥିବାରୁ ଅନେକ ଦିନ ଧରି ଅସୁବିଧା ର ସମ୍ମୁଖୀନ ହେଉଥିବା ହେତୁ ଠିକ୍ ଭାବରେ ଭତ୍ତା ପାଇବା ପାଇଁ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ । ବିଧାୟକ ମହାଶୟ ଗୁହାରୀ ଶୁଣି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ତଥା ତୁରନ୍ତ ଏ ଘଟଣାର ସମାଧାନ ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ । ଏଇ ଭଳି ଘଟଣା ସାରା ରାଜ୍ୟରେ ଦେଖିବାକୁ ମିଳୁଛି, ମୁଖ୍ୟତଃ ଆମ ଜିଲ୍ଲା ର ପ୍ରତେକ୍ ବ୍ଲକ ରେ ଏଇ ଭଳି ଅଭିଯୋଗ ଦେଖିବାକୁ ମିଳୁଛି, ଜିଲ୍ଲା ର ସବୁଠାରୁ ଗରିବ ଓ ଆଦିବାସୀ ଲୋକେ ଗୁମ୍ମା ବ୍ଲକ ରେ ରୁହନ୍ତି, ଏହି ପେନସନ ମିଳିଲେ ଔଷଧ ଓ ଅଲଗା ଖର୍ଚ୍ଚ କରିଥାନ୍ତି ।

# ପାରାଦୀପ ବେଥାନୀ କନଭେଣ୍ଟ ସ୍କୁଲରେ ଶିକ୍ଷକ କର୍ମଶାଳା ଆୟୋଜିତ



ପାରାଦୀପ, (ମହାଭାରତ) : ପାରାଦୀପ ସ୍ଥିତ ବେଥାନୀ କନଭେଣ୍ଟ ସ୍କୁଲରେ ୨୦ ଜୁନ୍ ୨୦୨୬ ତାରିଖ ଶନିବାର ଦିନ ବିଦ୍ୟାଳୟ ପରିସରରେ ଏକ ଦିନିକିଆ ଶିକ୍ଷକ କର୍ମଶାଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି କ୍ଷ "ଶ୍ରେଣୀଗୃହ ପରିଚାଳନା" ବିଷୟବସ୍ତୁକୁ ନେଇ ସକାଳ ୯ଟାରୁ ଅପରାହ୍ଣ ୨.୩୦ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଶିକ୍ଷକମାନଙ୍କର ବୃତ୍ତିଗତ ଦକ୍ଷତା ଓ କ୍ଷମତାକୁ ଅଧିକ ସୁଦୃଢ଼ କରିବା । କାର୍ଯ୍ୟକ୍ରମର ଆରମ୍ଭରେ ଉପସ୍ଥିତ ଅତିଥି ଓ ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପରେ ସମ୍ମିଳିତ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଖ୍ୟାତ ମନୋବିଜ୍ଞାନୀ ପରାମର୍ଶଦାତା ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ପରିଚାଳକ ରେଭ. ଫାଦର ନିହାର ରଞ୍ଜନ ପରିଛା, ଅଧ୍ୟକ୍ଷ ରେଭ. ଫାଦର ସୁନୀଲ ଲାକ୍ରା, ଉପାଧ୍ୟକ୍ଷା ସିଷ୍ଟର ଅନୁ ଜ୍ୟୋତି ଏବଂ ଶିକ୍ଷକ ପରିଷଦର ସମ୍ପାଦିକା ମୋନି ଉପସ୍ଥିତ ଥିଲେ । ଏହା ପରେ ପ୍ରାର୍ଥନା ଓ ପ୍ରାର୍ଥନା ସଙ୍ଗୀତ ମାଧ୍ୟମରେ କାର୍ଯ୍ୟକ୍ରମର ସଫଳତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ କାମନା କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଅତିଥି ବକ୍ତା ଅଶୋକ କୁମାର ପଟ୍ଟନାୟକଙ୍କ ପରିଚୟ ପ୍ରଦାନ କରାଯାଇଥିଲା ଏବଂ ବିଦ୍ୟାଳୟର ପରିଚାଳକ ଓ ଅଧ୍ୟକ୍ଷଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅଧ୍ୟକ୍ଷ ରେଭ. ଫାଦର ସୁନୀଲ ଲାକ୍ରା ନିଜ ଅଭିଭାଷଣରେ ଶିକ୍ଷକମାନଙ୍କ ପାଇଁ ନିରନ୍ତର ଶିକ୍ଷାଗ୍ରହଣ ଓ ବୃତ୍ତିଗତ ବିକାଶର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କର ଦୂରଦର୍ଶୀ ନେତୃତ୍ୱ ଓ ସୁପରିକଳ୍ପିତ ଆୟୋଜନ ଫଳରେ ଏହି କର୍ମଶାଳା କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ ବୃତ୍ତିଗତ ବିକାଶ, ଦକ୍ଷତା ବୃଦ୍ଧି ଏବଂ ନୂତନ ଶିକ୍ଷାଦାନ ପଦ୍ଧତିର ଆଦାନ-ପ୍ରଦାନ ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିଥିଲା । ଶିକ୍ଷାଗତ ଉତ୍କର୍ଷତା ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ଶିକ୍ଷକମାନଙ୍କ ମଧ୍ୟରେ ଶିକ୍ଷଣ, ଆତ୍ମସମୀକ୍ଷା ଓ ପାରସ୍ପରିକ ସହଯୋଗର ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଓରିଏଣ୍ଟେସନ୍ ଅଧିବେଶନ । ଜଣେ ଅଭିଜ୍ଞ ପରାମର୍ଶଦାତା ମନୋବିଜ୍ଞାନୀ ଭାବେ ସେ ଶ୍ରେଣୀଗୃହ ପରିଚାଳନା, ସକାରାତ୍ମକ ଅନୁଶାସନ, ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିବା, ମାନସିକ ସୁସ୍ଥତା ଏବଂ ସୁସ୍ଥ ଶିକ୍ଷକ-ଛାତ୍ର ସମ୍ପର୍କ ଗଢ଼ି ତୋଳିବା ସମ୍ପର୍କରେ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ବିଭିନ୍ନ ବ୍ୟବହାରିକ ଉଦାହରଣ ଓ ଆନ୍ତର୍କ୍ରିୟାତ୍ମକ ଆଲୋଚନା ମାଧ୍ୟମରେ ସେ ଶିକ୍ଷକମାନଙ୍କୁ ଏକ ସକାରାତ୍ମକ ଓ ଫଳପ୍ରଦ ଶ୍ରେଣୀଗୃହ ପରିବେଶ ସୃଷ୍ଟି କରିବାର କୌଶଳ ସମ୍ପର୍କରେ ଅବଗତ କରାଇଥିଲେ । ଏହା ଶିକ୍ଷକମାନଙ୍କୁ ନିଜ ଶ୍ରେଣୀଗୃହ ଅଭ୍ୟାସ ସମ୍ପର୍କରେ ଆତ୍ମସମୀକ୍ଷା କରିବା ସହ ସମସାମୟିକ ଶିକ୍ଷାଗତ ଆହ୍ୱାନ ଗୁଡିକର ସଫଳ ମୁକାବିଲା ପାଇଁ ନୂତନ ଦୃଷ୍ଟିକୋଣ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା । ଅଂଶଗ୍ରହଣକାରୀ ଶିକ୍ଷକମାନେ ଉପସ୍ଥାପିତ ଚିନ୍ତାଧାରା ଓ ବ୍ୟବହାରିକ ପରାମର୍ଶଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଥିଲେ । ଶେଷରେ ଶିକ୍ଷକ ପରିଷଦର ସମ୍ପାଦିକା ଶ୍ରୀମତୀ ମୋନି ଧନ୍ୟବାଦ ଅର୍ପଣ କରିଥିଲେ । ସେ ଅତିଥି ବକ୍ତା, ପରିଚାଳନା କମିଟି, ଅଧ୍ୟକ୍ଷ ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ସକ୍ରିୟ ସହଭାଗିତା ଏବଂ ମୂଲ୍ୟବାନ ଅବଦାନ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ । ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ପାଇଁ ଏକ ସମୃଦ୍ଧ ଓ ପ୍ରେରଣାଦାୟକ ଅନୁଭୂତି ସାବ୍ୟସ୍ତ ହୋଇଥିଲା ଏବଂ ଦକ୍ଷ ଶିକ୍ଷକ ସୃଷ୍ଟି ସହିତ ଗୁଣାତ୍ମକ ଶିକ୍ଷା ଓ ଶିକ୍ଷଣର ଉତ୍କର୍ଷତା ପ୍ରତି ବେଥାନୀ କନ୍‌ଭେଣ୍ଟ ସ୍କୁଲର ଅଙ୍ଗୀକାରକୁ ପୁନଃଦୃଢ଼ କରିଥିଲା ।

## ବୃଦ୍ଧ ଓ ଭିନ୍ନକ୍ଷମଙ୍କ ଭତ୍ତା ମିଳୁନି ଆସିଲା ଅଭିଯୋଗ !

ବାଲିପାଟଣା, (ମହାଭାରତ) : ବର୍ତ୍ତମାନ ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଖୁସିର ପର୍ବ ଓ ସଭାସମିତି ପାଳନ କରାଯାଉଛି । ଏହି ଉତ୍ସବ ପାଇଁ ସରକାରୀ ହୁଣ୍ଡିରୁ ଲକ୍ଷ ଲକ୍ଷ ଟଙ୍କା ପାଣି ପରି ଖର୍ଚ୍ଚ କରାଯାଉଥିବା ବେଳେ, ଅନ୍ୟପଟେ ସାଧାରଣ ଗରିବ ଶ୍ରେଣୀର ଲୋକେ ନିଜର ସର୍ବନିମ୍ନ ହକରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି ।ବାଲିପାଟଣା ବ୍ଲକ ପମ୍ପଲୋ ପଞ୍ଚାୟତରୁ ଆସିଥିବା ସୂଚନା ଅନୁଯାୟୀ, ସେଠାରେ ବହୁ ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ବ୍ୟକ୍ତି ମାସ ମାସ ଧରି ସରକାରୀ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ସମ୍ପୃକ୍ତ ହିତାଧିକାରୀମାନଙ୍କ ଅଭିଯୋଗ ଅନୁସାରେ, ବାରମ୍ବାର ଗୁହାରି କରିବା ସତ୍ତ୍ୱେ ପ୍ରଶାସନ ପାଖରେ ସେମାନଙ୍କୁ ଦେବା ପାଇଁ ଅର୍ଥ ନାହିଁ ।ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜଣେ ଭିନ୍ନକ୍ଷମ ବ୍ୟକ୍ତି କହିଛନ୍ତି, 'ସରକାର ଦୁଇ ବର୍ଷ ପୂର୍ତ୍ତିର ଉତ୍ସବରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ଆମ ଭଳି ଅସହାୟଙ୍କ ଭତ୍ତା ବାବଦକୁ ଟଙ୍କା ନାହିଁ ବୋଲି କହିବା କେତେଦୂର ଯୁକ୍ତିଯୁକ୍ତ ?' ସରକାରୀ ଉତ୍ସବ ପାଇଁ ଯଦି ଏତେ ଟଙ୍କା ଖର୍ଚ୍ଚ ହୋଇପାରୁଛି, ତେବେ ଗରିବଙ୍କ ପେଟକୁ ଦାନା ଯୋଗାଇବା ପାଇଁ କାହିଁକି ଅର୍ଥର ଅଭାବ ରହୁଛି, ତାହା ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି ।ଏ ସମ୍ପର୍କରେ ପମ୍ପଲୋ ପଞ୍ଚାୟତର ଅନେକ ଅସହାୟ ବୃଦ୍ଧ ଓ ଭିନ୍ନକ୍ଷମ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ମଧ୍ୟ ସେମାନଙ୍କୁ କେବଳ ପ୍ରତିଶ୍ରୁତି ମିଳୁଥିବା କୁହାଯାଇଛି ।

## ଆଧାରରେ ମୃତ ଦର୍ଶାଯିବାରୁ ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ମହିଳା

ମାଲକାନଗିରି, (ମହାଭାରତ) : ଏମ୍.ଭି.-୭୯ ଗ୍ରାମର ବାସିନ୍ଦା ସୁମିତ୍ରା ମଣ୍ଡଳ (ବୟସ ୫୪ ବର୍ଷ), ସ୍ୱାମୀ ହରିପଦ ମଣ୍ଡଳ, ଆଧାର କାର୍ଡରେ ଭୁଲବଶତଃ 'ମୃତ' ଭାବେ ଦର୍ଶାଯାଇଥିବାରୁ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୁମିତ୍ରା ମଣ୍ଡଳ ଶାରୀରିକ ଭାବେ ଦିବ୍ୟାଙ୍ଗ । ତାଙ୍କ ଗୋଟିଏ ଗୋଡ଼ ଖରାପ ଥିବାରୁ ସେ ଠିକ୍ ଭାବେ ଚାଲିପାରୁ ନାହାନ୍ତି ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁଁ : ଜିଲ୍ଲାରେ ରହୁ ନାହାନ୍ତି ଅଧିକାରୀ, କର୍ମଚାରୀ, ଡାକ୍ତର, ଶିକ୍ଷକ, ଅଧ୍ୟାପକ ବି ଭୁବନେଶ୍ୱର ମୁହାଁ

ନୟାଗଡ଼, (ମହାଭାରତ) : ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରୁ ନୟାଗଡ଼ ଜିଲ୍ଲା ମାତ୍ର ୮୦ କିଲୋମିଟର ଦୂର । ନୟାଗଡ଼କୁ ରେଳ ଏବଂ ସଡ଼କ ପଥରେ ଯିବା ଆସିବା ପାଇଁ ପର୍ଯ୍ୟାପ୍ତ ସୁବିଧା ରହିଛି । ଯାହାର ସୁଯୋଗ ନେଇ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡୁଛନ୍ତି । ଅନେକ ଅଧିକାରୀ ଓ କର୍ମଚାରୀ ଶନିବାର ଅପରାହ୍ନରୁ କାର୍ଯ୍ୟାଳୟ ଛାଡୁଥିବା ବେଳେ ସୋମବାର ମଧ୍ୟାହ୍ନରେ ଯୋଗ ଦେଉଛନ୍ତି । ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ କିରାଣି, ପ୍ରାଥମିକ ଶିକ୍ଷକ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର, ବିଭିନ୍ନ ବ୍ଲକର ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ନୟାଗଡ଼ରେ କାର୍ଯ୍ୟ କରୁଥିବା ବେଳେ ଭୁବନେଶ୍ୱର ରେ ରହୁଛନ୍ତି । ଏହି ଘଟଣା ଏବେ ଜିଲ୍ଲା ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ । କର୍ମଚାରୀ ମାନେ ନିଜ କାର୍ଯ୍ୟ କ୍ଷେତ୍ରରେ ରହୁନଥିବାରୁ ଲୋକଙ୍କ ସମସ୍ୟା ସହ ଆଦୌ ଯୋଡ଼ିହେଉନାହାନ୍ତି । କୃଷି, ଉଦ୍ୟାନ କୃଷି, ସମବାୟ ଭଳି ବିଭାଗ କର୍ମଚାରୀ ମଧ୍ୟ ନିଜ ଷ୍ଟେସନ ରେ ରହୁନାହାନ୍ତି । ଏହାକୁ ନେଇ ସପ୍ତମ ଜିଲ୍ଲା ପରିଷଦ ସାଧାରଣ ଅଧିବେଶନରେ କ୍ଷୋଭ ପ୍ରକାଶ ପରେ ନୟାଗଡ଼ର ପୂର୍ବତନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡ଼ି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରିଥିଲେ । ୧୪.୮.୨୦୨୪ ରିଖ ଚିଠି ନଂ ୧୫୨୬ ଅନୁସାରେ ଏହି ନିର୍ଦ୍ଦେଶ ଜାରି ହୋଇଥିବା ବେଳେ ଯେଉଁ ଅଧିକାରୀ ଛୁଟି ନେଉଛନ୍ତି ସେମାନେ ଜିଲ୍ଲାପାଳ ଙ୍କ ଠାରୁ ଅନୁମତି ଆଣି ଜିଲ୍ଲା ଛାଡିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସରକାରୀ ଅଧିକାରୀ ଓ କର୍ମଚାରୀ ଫୁଁ' କରି ଦେଇଥିବା ନେଇ ଜଣା ପଡୁଛି । ଜିଲ୍ଲାପାଳ ମଧୁମିତା ରଥ ଘଟଣାକୁ ଗୁରୁତର ସହ ନେଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ସମସ୍ତ ବିଭାଗ ଓ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପୁନଃ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତା ୧୯.୦୧.୨୦୨୬ ରିଖ ଅର୍ଡର ନଂ ୨୪୬ ଅନୁସାରେ କାର୍ଯ୍ୟାଳୟକୁ ଆସିବା ପାଇଁ ସମୟାନୁବର୍ତ୍ତିତା ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସକାଳ ୧୦ଟା ସୁଦ୍ଧା ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯିବା ସହ ସହ ସମସ୍ତ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାପନ କାର୍ଯ୍ୟକାରୀ କରିବାକୁ ବାଧ୍ୟତା ମୂଳକ କରାଯାଇଥିଲା । ବିନା ଅନୁମତିରେ କୌଣସି କର୍ମଚାରୀ ଓ ଅଧିକାରୀ ଛୁଟିରେ ନଯିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ଜିଲ୍ଲା ମୁଖ୍ୟାଳୟ ଛାଡ଼ିବାକୁ ହେଲେ ଜିଲ୍ଲାପାଳ ଙ୍କ ଠାରୁ ଲିଖିତ ଅନୁମତି ନେବାକୁ ପରାମର୍ଶ ଦିଆଯାଇଥିଲା । ଏହି ନିର୍ଦ୍ଦେଶକୁ କୌଣସି ଅଧିକାରୀ ଓ କର୍ମଚାରୀ ଅମାନ୍ୟ କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା । କିନ୍ତୁ ନିର୍ଦ୍ଦେଶ ଜାରି ହେବାର ଦୁଇ ସପ୍ତାହ ସବୁକିଛି ଠିକଠାକ ଚାଲିଥିଲା ବେଳେ ଏବେ ସବୁ ପୂର୍ବ ଭଳି ସ୍ଥିତି କରି ସାରିଲେଣି । ଖୋଦ୍ ଜିଲ୍ଲାପାଳ ମଧୁମିତା ରଥ ଛୁଟି ଦିନରେ ସ୍ୱାସ୍ଥ୍ୟ ସେବା କଥା ବୁଝିବା, ଉନ୍ନୟନ କାର୍ଯ୍ୟ ତଦାରଖ କରୁଥିବା ଜିଲ୍ଲାବାସୀ ଦେଖୁଥ ?ବା ବେଳେ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଅବହେଳା କାହିଁକି ବୋଲି ପ୍ରଶ୍ନ ଉଠିଛି । ଏବେ ସକାଳୁଆ ଅଫିସ୍ ହୋଇଥିଲେ ମଧ୍ୟ କର୍ମଚାରୀ ମାନେ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଏବଂ ମନଇଚ୍ଛା ଯାଉଥିବା ଦେଖିବାକୁ ମିଳିଛି । ଯେଉଁଠି ଜିଲ୍ଲାପାଳ ଦିନ ରାତି ଜିଲ୍ଲାପାଳ କାର୍ଯ୍ୟାଳୟ ରେ କାର୍ଯ୍ୟ କରୁଛନ୍ତି, ସେଠି କର୍ମଚାରୀଙ୍କ କ୍ଷେତ୍ରରେ ଏଭଳି ବିଶୃଙ୍ଖଳା କୁ ନେଇ ପ୍ରଶ୍ନ ଉଠିଛି । ଅନେକ ସ୍ଥାନରେ ସରକାରୀ କ୍ୱାର୍ଟର ପାଇଥିବା କର୍ମଚାରୀ ମଧ୍ୟ ନିୟମିତ ଭୁବନେଶ୍ୱର ଯା-ଆସ କରୁଛନ୍ତି । ଏହି ପ୍ରଥା କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଶରଣକୁଳ ପୂର୍ବତନ ଆଇଆଇସି ସୁଜିତଙ୍କ ପାଇଁ ବାରମ୍ବାର ବଦନାମ୍ ହେଉଛି ଜିଲ୍ଲା ପୋଲିସ : ଅନୀତା ସାହୁଙ୍କୁ ଶରଣକୁଳ ଥାନା ଦାୟିତ୍ୱ






ନୟାଗଡ଼, (ମହାଭାରତ) : ପୁଣି ବିବାଦରେ ଶରଣକୁଳ ଥାନା ତତ୍କାଳୀନ ଆଇଆଇସି ସୁଜିତ କୁମାର ଦାସ । ବିଭିନ୍ନ କାରଣ ପାଇଁ ସେ ନିଜେ ବଦନାମ୍ ହେବା ସହ ଜିଲ୍ଲା ପୁଲିସକୁ ବି ବିବାଦ ଘେରକୁ ଟାଣୁଛନ୍ତି । ପୂର୍ବରୁ ସେ କାର୍ଯ୍ୟ କରୁଥିବା ଫତେଗଡ଼ ଥାନରେ ମଧ୍ୟ ଏକାଧିକ ମାମଲାରେ ସୁଜିତଙ୍କ ଆଚରଣ ସନ୍ଦେହଜନକ ଥିଲା । ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ତାଙ୍କୁ ବାଧ ହୋଇ ସେଠାରୁ ବଦଳି କରାଇ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ଆଣିଥିଲେ । କିଛିଦିନ ତଳେ ତାଙ୍କୁ ଶରଣକୁଳ ଥାନା ଦାୟିତ୍ୱ ଦିଆଯାଇଥିଲା । ପୁଣି ଥରେ ସେ ବିବାଦୀୟ ହୋଇପଡ଼ିଛନ୍ତି । ଫତେଗଡ଼ ଥାନାରେ ଥିବା ସମୟରେ ଏକାଧିକ ମାମଲାରେ ସୁଜିତ ବିବାଦୀୟ ହୋଇପଡ଼ିଥିଲେ । ଗତ ସାଧାରଣ ନିର୍ବାଚନ ସମୟରେ ଭଗବାନପୁର ଗାଁରେ କିଛି ଯୁବକ ଖଣ୍ଡା ବୁଲାଇବା ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । କେବଳ ସେତିକି ନୁହେଁ ସେମାନେ ବୋମା ଫିଙ୍ଗିବା ସହ ଫାଙ୍କା ଗୁଳି ଚାଳନା ମଧ୍ୟ କରିଥିବା ନେଇ ଗାଁର ଜଣେ ମହିଳା ସବିତା ସାହୁ ଥାନାରେ ଅଭିଯୋଗ କରିଥିଲେ । କେବଳ ସେତିକି ନୁହେଁ ଏହି ଗଣ୍ଡଗୋଳ, ଗାଳିଗୁଲଜ ଓ ଖଣ୍ଡା ବୁଲାଇବା ଘଟଣା ମୋବାଇଲରୁ ମୋବାଇଲ ଘୂରି ବୁଲିଥିଲା । ଏହି ସମୟରେ ଖଣ୍ଡା ବୁଲାଇଥିବା ମୁଖ୍ୟ ଆସାମୀଙ୍କୁ ଜଣେ ସବ୍‌ଇନ୍ସପେକ୍ଟର୍ ଧରି ଆଣି ଥାନାରେ ଅଟକ ରଖିଥିଲେ । ମାତ୍ର ସୁଜିତ କୁଆଡ଼େ ତାଙ୍କୁ ସେଠାରୁ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ଫଳରେ ତତ୍କାଳୀନ ଏସ୍ ?ପି ଶ୍ରୀ ଜୈନ ଗାଁରେ ଫ୍ଲାଗ୍‌ମାର୍ଚ୍ଚ କରିବା ପାଇଁ ଏକ ପ୍ରକାର ବାଧ ହୋଇଥିଲେ । ଏହାପରେ ମାମଲାରେ ସମ୍ପୃକ୍ତ ଥିବା ତିନି ଜଣଙ୍କୁ ତୁରନ୍ତ ଗିରଫ କରାଯାଇଥିଲା । ସେହିପରି କରବର ପଞ୍ଚାୟତର ମାଣିତ୍ରି ଗାଁ ରେ ଘଟିଥିବା ରକ୍ତାକ୍ତ ସଂଘର୍ଷରେ ତାଙ୍କ ଭୂମିକା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିଲା । ପ୍ରବଳ ମାଡ଼ ଖାଇ ଗୁରୁତର ହୋଇଥିବା ରାଜକିଶୋର ନାୟକ ଓ ତାଙ୍କ ପରିବାରର ସଦସ୍ୟଙ୍କୁ ଚିକିତ୍ସା ପାଇଁ ପଠାଇବା ବଦଳରେ ଓଲଟା ସେମାନଙ୍କୁ ଥାନାରେ ଅଟକ ରଖା ଯାଇଥିଲା । ଏଥିରେ ରାଜକିଶୋର ଙ୍କ ଜଣେ ନାବାଳିକା ଝିଅ ମଧ୍ୟ ଥିଲା । ସମସ୍ତେ ରକ୍ତାକ୍ତ ଅବସ୍ଥାରେ ଥାନାରେ ପହଞ୍ଚି ପ୍ରଥମେ ଅଭିଯୋଗ କରିଥିଲେ । ସୁଜିତ ଙ୍କ ନିର୍ଦ୍ଦେଶରେ ପୁଲିସ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଓଲଟା ସମସ୍ତଙ୍କୁ ଅଟକ ରଖିଥିଲା । ଖବରପାଇ ନିଜେ ତତ୍କାଳୀନ ଏସପି ଶ୍ରୀ ଜୈନ ଘଟଣାସ୍ଥଳରେ ପହଞ୍ଚି ନିଜେ ତଦନ୍ତ ବ୍ୟବସ୍ଥାର ତଦାରଖ କରିବା ସହ ସୁଜିତ ଙ୍କ ଉପରେ ପ୍ରବଳ ବିରକ୍ତି ପ୍ରକାଶ କରିଥିଲେ । ଏହାପରେ ସେ ତାଙ୍କୁ ଏଠାରୁ ବଦଳି କରିବା ପାଇଁ ଏକ ପ୍ରକାର ବାଧ ହୋଇଥିଲେ । ପୁଲିସ ମୁଖ୍ୟାଳୟରେ ଯୋଗ ନଦେଇ ସ୍ୱାସ୍ଥ୍ୟ ସମସ୍ୟା ଥିବା ଦର୍ଶାଇ ସୁଜିତ ଛୁଟିରେ ପଳାଇଥିଲେ । ମାତ୍ର ଶରଣକୁଳ ଥାନାରେ କିନ୍ତୁ ସବୁ ସୀମା ସରହଦ ଡେଇଁ ଯାଇଛନ୍ତି । ପୀଡ଼ିତାଙ୍କ ସହ ଏକାଧିକ ଭିଡିଓ ଏବଂ ଭଏସ୍ କଲ୍ ଏବେ ଭାଇରାଲ ହେବାରେ ଲାଗିଛି । କେବଳ ସେତିକି ନୁହେଁ ତାଙ୍କ ବିରୋଧରେ ପୀଡ଼ିତା ଜଣକ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି । ବାସ୍ତବରେ ପୀଡ଼ିତାଙ୍କର ଅଭିଯୋଗରେ କେତେ ସତ୍ୟତା ରହିଛି, ଏହାର ଏବେ ତଦନ୍ତ ଆରମ୍ଭ ହୋଇଛି । ମାତ୍ର ସୁଜିତ ନିଶ୍ଚିତ ଭାବେ ଜିଲ୍ଲା ପୁଲିସ ତଣ୍ଟିରେ କଣ୍ଟା ହୋଇ ଲାଗିଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସେପଟେ ଶରଣକୁଳ ଥାନାର ପୂର୍ବତନ ଇନ୍ସପେକ୍ଟର ସୁଜିତ କୁମାର ଦାସଙ୍କ ବିରୋଧରେ ପୀଡ଼ିତା କରିଥିବା ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ତାଙ୍କ ବିରୋଧରେ ୬୪ (୧)/୭୪/ ୩୫୧ (୩) ବିଏସ୍ଏସ୍ ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି । ଆଇୟୁସିଏଡବ୍ଲୁ ଡିଏସ୍ ?ପି ସଂଘମିତ୍ରା ନାୟକ ଏହାର ତଦନ୍ତ ଚଳାଇଛନ୍ତି । ସୁଜିତ ଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ତାଙ୍କୁ ଶରଣକୁଳ ଥାନାରୁ ବଦଳି କରାଯାଇ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ଅଣାଯାଇଛି । ତାଙ୍କ ସ୍ଥାନରେ ପୁଲିସ ମୁଖ୍ୟାଳୟରେ ଡିସିଆର୍ ?ବିରେ ଥିବା ଇନ୍ସପେକ୍ଟର୍ ? ଅନୀତା ସାହୁଙ୍କୁ ଶରଣକୁଳ ଥାନା ଦାୟିତ୍ୱ ଦିଆଯାଇଛି । ଯେହେତୁ ମାମଲାଟି ବେଶ୍ ସମ୍ବେଦନଶୀଳ, ଏହାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଘଟଣାର ନିରପେକ୍ଷ ଓ ଉପଯୁକ୍ତ ତଦନ୍ତ ପାଇଁ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲୁ ଓ ସିଡବ୍ଲୁ)କୁ ତଦନ୍ତ ଭାର ହସ୍ତାନ୍ତର କରିବା ପାଇଁ ସେଣ୍ଟ୍ରାଲ୍ ରେଞ୍ଜ ଆଇଜି ନିର୍ଦ୍ଦେଶ ଦେଇଛନ୍ତି । ନୟାଗଡ଼ର ଏହି ଘଟଣାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଓ ଆଲୋଚନା ହୋଇଛି ।




# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଶିଶୁ ଶ୍ରମିକ ନିବାରଣ ନିମନ୍ତେ ସଚେତନ ବୈଠକ



ବଲାଙ୍ଗିର(ମହାଭାରତ): ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁ ଶ୍ରମିକ ନିବାରଣ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଶିଶୁ ଶ୍ରମିକ ପ୍ରଥା ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବଲାଙ୍ଗିର ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ ଜିଲ୍ଲାରେ ପରିଣତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଶିଶୁ ଶ୍ରମ ରୋକିବା ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା ରଖାଯାଇଥିଲା । ଜିଲ୍ଲାର କୌଣସି ଶିଶୁ ଯେପରି ଶ୍ରମିକ ଭାବେ ନିୟୋଜିତ ନ ହୁଅନ୍ତି, ସେଥିପାଇଁ ସମସ୍ତ ବିଭାଗକୁ ଅଧିକ ସତର୍କ ଓ ସକ୍ରିୟ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାଠପଢ଼ା ଅଧାରୁ ଛାଡ଼ିଥିବା ଶିଶୁମାନଙ୍କୁ ଚିହ୍ନଟ କରି ପୁନର୍ବାର ବିଦ୍ୟାଳୟରେ ନାମଲେଖାଇବା ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ସହ ସ୍ଥାନୀୟ ପ୍ରଶାସନ, ଶ୍ରମ ବିଭାଗ ଓ ପୁଲିସକୁ ନେଇ ଗଠିତ ଟାସ୍କ ଫୋର୍ସ ଦ୍ୱାରା ହୋଟେଲ, ଦୋକାନ, ଗ୍ୟାରେଜ ଓ ବିପଦପୂର୍ଣ୍ଣ କାର୍ଯ୍ୟସ୍ଥଳୀଗୁଡ଼ିକରେ ଚଢ଼ାଉ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଶିଶୁ ଶ୍ରମିକ ନିୟୋଜନ କରୁଥିବା ମାଲିକଙ୍କ ବିରୋଧରେ ବାଲ୍ୟଶ୍ରମ ନିଷେଧ ଆଇନ ଅନୁଯାୟୀ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାପାଳ ସାଧାରଣ ଲୋକଙ୍କୁ ମଧ୍ୟ ଏହି ଅଭିଯାନରେ ସହଯୋଗ କରି ଏକ ଶିଶୁ ଶ୍ରମିକମୁକ୍ତ ବଲାଙ୍ଗିର ଗଠନରେ ସାମିଲ ହେବାକୁ ଆହ୍ୱାନ କରିଥିଲେ । କୌଣସି ଶିଶୁ ଯଦି ଶ୍ରମିକ ଭାବେ କାର୍ଯ୍ୟ କରିବା ନଜରକୁ ଆସେ ତେବେ ତୁରନ୍ତ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟ/ ଥାନା/ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ ଜିଲ୍ଲାପାଳ କିମ୍ବା ଚାଇଲ୍ଡ ହେଲ୍ପ ଲାଇନ୍ ୧୦୯୮ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫୬୭-୦୩ରେ ଯୋଗାଯୋଗ କରି ଜଣାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ ଯେ, ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ । ସେହିପରି ୧୫ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜନ କରିବା ଆଇନତଃ ନିଷିଦ୍ଧ । ଏହି ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା, ଦୁଇ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିପାରେ । ପୁନଃରାବୃତ୍ତି ଘଟିଲେ ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡର ବ୍ୟବସ୍ଥା ରହିଛି ।

# ଭିଡ଼ ଭିତରେ କଳିଙ୍ଗନଗର ରାଜ ରାସ୍ତା

## ଜନସାଧାରଣ ଅସ୍ତ ବ୍ୟସ୍ତ, ତତ୍କାଳୀନ ସେବା ବାଧାପ୍ରାପ୍ତ



ଦାନଗଦି(ମହାଭାରତ): ଯାଜପୁର କଳିଙ୍ଗନଗର ସର୍ବାଗ୍ରେ ସ୍ଥାନପାଇଥିବାବେଳେ ଶିଳ୍ପ ସମୃଦ୍ଧ ଅଞ୍ଚଳଭାବେ ବେଶ୍ ପରିଚିତ ଯାଜପୁର କଳିଙ୍ଗନଗର ଶିଳ୍ପାଞ୍ଚଳ । କଳିଙ୍ଗନଗର ଶିଳ୍ପାଞ୍ଚଳ କୁ ନେଇଁ ଯାଜପୁର କଳିଙ୍ଗନଗର ବେଶ୍ ଚର୍ଚ୍ଚିତ ରହିଛି,ଦୁର୍ଭାଗ୍ୟ ଓ ପରିତାପ ର ବିଷୟ କଳିଙ୍ଗନଗର ଅଞ୍ଚଳ ଦିନକୁ ଦିନ ବିପଦ ଯେମିତି ମାଡ଼ି ଆସୁଥିବା ପରି ଲାଗୁଛି ,ଦୈନ ଦିନ ରାସ୍ତାଘାଟ ର ସମସ୍ୟା ଦୁର୍ଘଟଣା ର ସାମ୍ନା ଧୂଳି ଧୂଆଁ ର ଆସ୍ତରଣରେ କଳିଙ୍ଗନଗର ଅଞ୍ଚଳ ନାକେଦମ୍ ହେଲାଣି,ଏଠାକାର ଜନ ସାଧାରଣ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ସମସ୍ୟାର ଶିକାର ହେଉଛନ୍ତି,ଡୁବୁରୀ ଛକ ରୁ ଆରମ୍ଭ କରି ଦାନଗଦି ମିଲଟାରି ଛକ ପର୍ଯ୍ୟନ୍ତ ରାସ୍ତା ପ୍ରତ୍ୟେକ ଦିନ ଜାମ ରହିବା ଫଳରେ ଅନେକ ସମସ୍ୟା ମାନ ଉପୁଜୁଛି , କଳିଙ୍ଗନଗର ଅଞ୍ଚଳରେ ଛୋଟ ବଡକି ୨୦ ରୁ ଉର୍ଦ୍ଧ କାରଖାନା ଗଢିଉଠିବା ପରେ ଦୈନିକ କାରଖାନାକୁ ବଡ଼ ବଡ ଗାଡ଼ି ଯୋଗେ ଯାତାୟାତ ହେଉଥିବା କଞ୍ଚା ମାଲ ପରିବହନ କରାଯାଉଛି ଯାହା କଳିଙ୍ଗନଗର ମୁଖ୍ୟରାସ୍ତା ର ସମସ୍ୟା ଦ୍ୱିଗୁଣିତ ହେଉଛି ଫଳରେ ରାସ୍ତା ମଧ୍ୟ ସଙ୍କୋଚ ହେଉଛି , ତତ୍କାଳୀନ ସେବାରେ ମଧ୍ୟ ବାଧାପ୍ରାପ୍ତ ଘଟୁଛି । ଦୈନଦିନ କଳିଙ୍ଗନଗର ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଯୋଗୁ କଳିଙ୍ଗନଗର ଅଞ୍ଚଳରେ କୋଳାହଳ ବଢିବାସହ କଳିଙ୍ଗନଗର ରେ ଯାନବାହାନସହ ପ୍ରତ୍ୟେକ ଦିନ ଜନସଂଖ୍ୟା ମଧ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି, ଯାହା କଳିଙ୍ଗନଗର ବାସୀଙ୍କୁ ଅନେକ ସମସ୍ୟାର ଶିକାର ହେବାକୁ ପଡୁଛି, କଳିଙ୍ଗନଗର ଅଞ୍ଚଳରେ ଶିଳ୍ପ ସଂସ୍ଥା ଠୁ ଆରମ୍ଭ କରି ନେତା ମନ୍ତ୍ରୀ କୁଜିନେତା ମାନେ ମଧ୍ୟ ସ୍ୱାର୍ଥରେ ବନ୍ଧା ପଡ଼ିବାପରି ବସିଛନ୍ତି,ଦୀର୍ଘଦିନ ହେବ ମାନପୁର ଦ୍ୱିତୀୟ ବ୍ରିଜ ମଧ୍ୟ ଅଧା ପାନ୍ତରା ହୋଇ ପଡ଼ିରହିଛିକାମ କେବେ ସମ୍ପୂର୍ଣ୍ଣ ହେବ ତାହାବି ଗୁରୁ ସହ କେହି ନେଉନାହାନ୍ତି ଯାହା ଫଳରେ ବ୍ରିଜ ଉପରେ ହେଉଥିବା ସମସ୍ୟାରୁ ବର୍ତ୍ତି ପାରୁନାହାନ୍ତି ଜନସାଧାରଣ, ଦେଖାଯାଉ କଳିଙ୍ଗନଗରରେ ଦୈନନ୍ଦିନ ଉପୁଜୁଥିବା ସମସ୍ୟା କୁ ଜିଲ୍ଲା ପ୍ରଶାସନ ତଦାରକ୍ କରି ସମସ୍ୟାର ବାଟ କେବେ କଢାଇବାକୁ ସାମର୍ଥ୍ୟହେବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାରେ ବିଷୟ ପାଲଟିଛି ।

## ଏସଏସଆରଭିଏମ୍‌ର ଚାରିଦିନିଆ ଶ୍ରଦ୍ଧା କାର୍ଯ୍ୟକ୍ରମ ସମାପନ



ରାଉରକେଲା,: ସେକ୍ଟର ୨୦ ସ୍ଥିତ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ଚତୁର୍ଦ୍ଦିବଶୀୟ ଶ୍ରଦ୍ଧା କାର୍ଯ୍ୟକ୍ରମ ସମାପନ ହୋଇଛି । ଏସଏସଆରଭିଏମ୍ ର ନିର୍ଦ୍ଦେଶକ ଡ ଗିରିଜା ଶଙ୍କର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଦୂର ମୁମ୍ବାଇରୁ ଶ୍ରେୟା କଦମ ଓ ସୁନିତା ପାରୁଲେକର ଯୋଗଦେଇ ଫର୍ଟିଲାଇଜର, ସେକ୍ଟର ୨୦ ଓ ସେକ୍ଟର ୧୯ ବିଦ୍ୟାମନ୍ଦିରର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନସିକ ଶାନ୍ତି, କ୍ରୋଧ ନିୟନ୍ତ୍ରଣ, ସୁସ୍ଥ ରହିବାର ଉପାୟ ସମ୍ପର୍କରେ ଜ୍ଞାନ ବଣ୍ଟନ କରିଥିଲେ । ପ୍ରାୟ ୨୬ ବର୍ଷର ଅଭିଜ୍ଞତା ଥିବା ତଥା ଦେଶ ଓ ବିଦେଶରେ ଗୁରୁ ରବିଶଙ୍କରଙ୍କ ଶିକ୍ଷାକୁ ପ୍ରଚାର ପ୍ରସାର କରୁଥିବା ଶ୍ରୀମତୀ କଦମ ମାନସିକ ଅବସାଦମୁକ୍ତ ଶିକ୍ଷା, ଛାତ୍ରଛାତ୍ରୀ ମାନଙ୍କୁ ଶାରିରୀକ ଓ ମାନସିକ ସୁସ୍ଥତା ବୈୟକ୍ତିକ ବିକାଶ ପାଇଁ ତଥା ଶାରିରୀକ ସୁସ୍ଥତା ପାଇଁ ବିଭିନ୍ନ ପ୍ରାଣାୟମ ଯୋଗ ଆଦି ସମ୍ପର୍କରେ ମାର୍ଗଦର୍ଶନ ଦେଇ ଥିଲେ । ଶ୍ରୀମତୀ ପାରୁଲେକର ଏହି କାର୍ଯ୍ୟକ୍ରମରେ ତାଙ୍କୁ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଶୁଦ୍ଧ ଚିତ୍ତ ଓ ମନ,ଭଲ ଚିନ୍ତନ, ଶୃଙ୍ଖଳା, ପ୍ରତିବଦ୍ଧତା, ପ୍ରାଣାୟାମ, ସୁଦର୍ଶନ କ୍ରିୟା ,ଟ୍ରେନିଂ ତଥା ୫ ମହାଭୂତ ଯଥା ପ୍ରକୃତି, ବିକୃତି,ବାୟୁ, ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଚଳଚଞ୍ଚଳ ଆଦି ଉପରେ ଗୁରୁତ୍ୱାରୋପ କରିବା ସହ ଶାସନ ଓ ଅନୁଶାସନ ମଧ୍ୟରେ ଥିବା ପାର୍ଥକ୍ୟକୁ ସରଳୀକରଣ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସୁଚିନ୍ଦ୍ରମ ସେନଗୁପ୍ତ, ଯଶବିନ୍ଦର କୈୟର , ଅଧକ୍ଷା ଡ ଖୁସବୁ ଜ୍ୟୋତି, ମୀନାକ୍ଷୀ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେୟ ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ୧୬ ତାରିଖରୁ ଆରମ୍ଭ ହୋଇ ଆଜି ଅର୍ଥାତ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।

## କୋକୋ ପେଟ୍ରୋଲ ପମ୍ପରେ ପେଟ୍ରୋଲ ବଦଳରେ ପାଣି ମିଶ୍ରିତ ପେଟ୍ରୋଲ ମିଳିଥିବା ଅଭିଯୋଗ

ଛତ୍ରପୁର ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ନିକଟରେ ଅବସ୍ଥିତ କୋକୋ ପେଟ୍ରୋଲ ପମ୍ପରେ ପେଟ୍ରୋଲ ପରିବର୍ତ୍ତେ ପାଣି ମିଶ୍ରିତ ପେଟ୍ରୋଲ ମିଳୁଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଗ୍ରାହକ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା ।ଏପରିକି ଏହା କୁ କେନ୍ଦ୍ର କରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ସୂଚନା ଯୋଗ୍ୟ ଜେ ଉକ୍ତ ପେଟ୍ରୋଲ ପମ୍ପ ରେ ଗାଡ଼ିରେ ପେଟ୍ରୋଲ ଭରିବା ପରେ ଅନେକ ଗାଡ଼ି ହଠାତ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଏହିଭଳି ଅବସ୍ଥା ହେବା ପରେ ଚାଳକମାନେ ପେଟ୍ରୋଲ ଗୁଣବତ୍ତା ନେଇ ପ୍ରଶ୍ନ ଉଠାଇଥିଲେ । ଏହି ଘଟଣା କୁ ନେଇ ପ୍ରବଳ ଉତେଜନା ଦେଖା ଦେଇଥିଲା । ପମ୍ପ ପରିସରରେ ଗାଡ଼ି ଚାଳକଙ୍କ ଭିଡ଼ ଜମିଥିଲା ।ଗାଡ଼ିର ଇଞ୍ଜିନରେ ସମସ୍ୟା ଦେଖାଦେଇଥିଲା । ପରେ ପେଟ୍ରୋଲ ଯାଞ୍ଚ କରିବା ସମୟରେ ପାଣି ମିଶିଥିବା ସନ୍ଦେହ ପ୍ରକାଶ ପାଇଥିଲା । ଏହାକୁ ନେଇ ଚାଳକମାନେ କ୍ଷୋଭ ପ୍ରକାଶ କରି ପମ୍ପ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅନ୍ୟପଟେ ଘଟଣାର ତଦନ୍ତ କରାଯାଉଥିବା ବୋଲି ପମ୍ପ କର୍ତ୍ତୃପକ୍ଷ କହିଛନ୍ତି । ପେଟ୍ରୋଲ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବା ସୂଚନା ମିଳିଛି ।ଏହି ଘଟଣା ବର୍ତମାନ ସାମାଜିକ ଗଣ ମାଧ୍ୟମରେ ଦେଖିବାକୁ ମିଳିଛି ।ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

## ଅଗ୍ନିଶମ ବାହିନୀ ପକ୍ଷରୁ ମକଡ୍ରିଲ କାର୍ଯ୍ୟକ୍ରମ



ଗଣିଆ,: ଗଣିଆ ଅଗ୍ନିଶମ ସେବା ୟୁନିଟ୍ ପକ୍ଷରୁ ଆଜି ସ୍ଥାନୀୟ ବେଥିଆସାହି ଓ ବାଲିପୁର ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ଦୁଇଟି ପୃଥକ ଅଗ୍ନି ସୁରକ୍ଷା ସଚେତନତା ମକଡ୍ରିଲ୍ କାର୍ଯ୍ୟକ୍ରମ ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ତତ୍ୱାବଧାନରେ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଆଗାମୀ ବନ୍ୟା ଓ ବାତ୍ୟା ସମୟରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ଏବଂ ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାରୁ କିଭଳି ସୁରକ୍ଷିତ ରହିହେବ, ସେ ନେଇ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅଗ୍ନିଶମ କର୍ମଚାରୀମାନେ ଉପସ୍ଥିତ ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନିଆଁ ଲିଭାଇବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ଗ୍ୟାସ୍ ସିଲିଣ୍ଡର ଅଗ୍ନିକାଣ୍ଡ ଓ ଅନ୍ୟାନ୍ୟ ଜରୁରୀ ସମୟରେ ଆପଣେଇବାକୁ ଥିବା ସାବଧାନତା ବିଷୟରେ ପ୍ରତ୍ୟକ୍ଷ ପ୍ରଦର୍ଶନ ମାଧ୍ୟମରେ ବୁଝାଇଥିଲେ । ଏହି ସଚେତନତା ଶିବିରରେ ବହୁ ସଂଖ୍ୟାରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିପଦ ସମୟରେ ଜୀବନ ଓ ସମ୍ପତ୍ତିର ସୁରକ୍ଷା କିଭଳି କରାଯିବ, ସେ ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ । ଅଗ୍ନିଶମ ବାହିନୀର ଏଭଳି ପ୍ରଶଂସନୀୟ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ସ୍ୱାଗତ କରାଯାଇଛି ।

## ଅନୁଗୋଳରେ ଦନ୍ତା ହାତୀର ତାଣ୍ଡବ, ଘର ଭାଙ୍ଗିଲା; ଆତଙ୍କିତ ଗ୍ରାମବାସୀ



ଅନୁଗୋଳ,( ମହାଭାରତ):ମଣିଷ-ହାତୀ ସଂଘର୍ଷର ଏକ ଭୟଙ୍କର ଚିତ୍ର ଅନୁଗୋଳ ଜିଲ୍ଲାରୁ ସାମ୍ନାକୁ ଆସିଛି । ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ବରସାହି ଗ୍ରାମ ପଞ୍ଚାୟତର ରଙ୍ଗମାଟିଆ ସାହିରେ ଗତ ରାତିରେ ଏକ ଦନ୍ତା ହାତୀ ଗାଁ ଭିତରକୁ ପଶି ତାଣ୍ଡବ ରଚିଥିବା ଅଭିଯୋଗ ହୋଇଛି ।ସୂଚନା ଅନୁଯାୟୀ, ରାତିର ଅନ୍ଧକାରରେ ହାତୀଟି ଏକ ଘର ଉପରେ ଆକ୍ରମଣ କରିଥିଲା । ଫଳରେ ଘରର କାନ୍ଥ ଭାଙ୍ଗି ପଡ଼ିଥିବା ବେଳେ ଘର ଭିତରେ ଥିବା ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଛି । ହାତୀର ଆକ୍ରମଣ ଦେଖି ପରିବାର ଲୋକେ ଜୀବନ ବଞ୍ଚାଇବା ପାଇଁ ତୁରନ୍ତ ଘର ଛାଡ଼ି ପଳାଇ ଯାଇଥିଲେ ।ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ବାରମ୍ବାର ହାତୀ ଗାଁମୁହାଁ ହେଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ଦେଖାଦେଇଛି ।ଘଟଣାର ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ ଆରମ୍ଭ କରିଛନ୍ତି । ସେପଟେ କ୍ଷତିଗ୍ରସ୍ତ ପରିବାରକୁ ଶୀଘ୍ର କ୍ଷତିପୂରଣ ପ୍ରଦାନ ସହ ହାତୀ ଉପଦ୍ରବ ରୋକିବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଦିବସ



ଗଜପତି: ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଆମ୍ ନିର୍ଯ୍ୟୁକ୍ତି ପ୍ରଶିକ୍ଷଣ ସମ୍ମିଳନୀ କକ୍ଷ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ପିଏମ୍ କିଷାନ ଉତ୍ସବ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମୁନିନ୍ଦ୍ର ହାନନାଗା, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଏମ ପ୍ରକାଶ ରାଓ, କୃଷି ଜିଲ୍ଲା ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀ ରବୀନ୍ଦ୍ର କୁମାର ଆଡ଼େକ,ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ, ପ୍ରମୁଖ ଯୋଗ ଦେଇଥିଲେ ।ସରକାରଙ୍କ ସମସ୍ତ ଜନହିତକାରୀ ଯୋଜନାର ଲାଭ ଉଠାଇବା, ଆଧୁନିକ କୃଷି ପ୍ରଣାଳୀ ସହ ଅବଗତ ହେବା ପାଇଁ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ଗଜପତି ଜିଲ୍ଲାର ୪୨ ହଜାର ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ଙ୍କୁ ୨୩ ତମ କିସ୍ତି ରେ ୮ କୋଟି ହସ୍ତାନ୍ତର କରାଯାଇଛି । ବର୍ତ୍ତମାନ ଖରିଫ ଋତୁ ଚାଷ ସକାଶେ ସରକାରଙ୍କ ତରଫରୁ ଚାଷୀ ମାନଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି ।ଚାଷୀଏହି ସହାୟତା ରାଶି ନିଜର ଚାଷ କାର୍ଯ୍ୟରେ ବିନିଯୋଗ କରିବେୟଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ,ବ୍ଲକ୍ କୃଷି ଅଧିକାରୀ,ଗ୍ରାମ୍ୟ କୃଷି କର୍ମଚାରୀ , କୃଷକ ସାଥୀ ଏବଂ କୃଷି ଓ ଆନୁଷଙ୍ଗିକ ଅଧିକାରୀ ଓ କର୍ମଚାରୀ ମାନଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଭାଇଭଉଣୀମାନେ ଯୋଗ ଦେଇଥିଲେ ।

## ଶ୍ରୀ ଚୈତନ୍ୟ ଗୌରାଙ୍ଗ ସ୍ୱାମୀଙ୍କ କଳସ ଯାତ୍ରା

ଗଞ୍ଜାମ, :ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଂଚାୟତ ର ଲକ୍ଷ୍ମୀପୁର ଗ୍ରାମରେ ଶ୍ରୀ ଚୈତନ୍ୟ ଗୌରାଙ୍ଗ ସ୍ୱାମୀ ଓ ମହାବୀର ହନୁମାନ ଜୀଉ ଙ୍କ ନବର୍ନିମିତ ସ ବିଗ୍ରହ, ପ୍ରସାଦ ପ୍ରତିଷ୍ଠା ଉତ୍ସାବ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ଆଦି ଶୁକ୍ରବାର ବାର ଠାରୁ ଆରମ୍ଭ ହେଇଛି ।ଏହି ଉପଲକ୍ଷେ ଏକ ବିରାଟ କଳସ ଯାତ୍ରା ଅନୁଷ୍ଠିତ ହେଇଯାଇଛି କ୍ଷ ଭୋରୁ ଗ୍ରାମରେ ପୁରୁଷ, ମହିଳା ମାନେ ପୁଣ୍ୟ ତୋୟା ଋଷିକୂଲ୍ୟା ନଦୀ ରୁ ପୂଜା, ଅର୍ଚ୍ଚନା ପରେ କଳସ ରେ ପାଣି ନେଇ ବାଦ୍ୟ ବାଜଣା ବଜେଇ ଶୋଭାଯାତ୍ରା ରେ ଗ୍ରାମ ଅଭିମୁଖେ କଳସ ଯାତ୍ରା ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଡ଼ଃ ପଣ୍ଡିତ ନୀଳ ମାଧବ ତ୍ରିପାଠୀ, ପୁରୋହିତ ଲୋକନାଥ ତ୍ରିପାଠୀଙ୍କ ତ୍ୱତାବଧାନ ରେ ଅନୁଷ୍ଠିତ ହେବ । ଜ୍ଞାନ ଯଜ୍ଞ ର ପ୍ରକ୍ତା ଭାବେ ବାବାଜୀ ହରିଶଙ୍କର ଦାଶ ଶାନ୍ତି ଧାମ କରମଳା ରୁ ଆସୁଥିବା ସୂଚନା ମିଳିଛି ।ଏହି କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ଚାଲିବା ସହ ମିନା ବଜାର, ଦୋଳି ପାଇଁ ସମଗ୍ର ଅଞ୍ଚଳ ବର୍ତମାନ ଉତ୍ସାବ ମୁଖର ସହ ଆଧାତ୍ମିକ ପରିବେଶ ସୃଷ୍ଟି ହେଇଚି । ଏହି କାର୍ଯ୍ୟକ୍ରମ କୁ ଲକ୍ଷ୍ମୀପୁର ଯଜ୍ଞ ପରିଚାଳନା କମିଟି ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି । ବିଭିନ୍ନ ଅଞ୍ଚଳ ରୁ ବହୁ ଭକ୍ତ ଙ୍କ ଭିଡ଼ ହେବାର ଦୃଷ୍ଟି ରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

# ବିଦ୍ୟୁତ ଆଲୁଅ ସାତସପନ ଅନ୍ଧାର ଘେରରେ ଡୁମୁଣିଖୋଲ ଗ୍ରାମ



ଥୁଆମୁଳ ରାମପୁର, : କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥୁଆମୁଳ ରାମପୁର ବ୍ଲକ ଅଧିନରେ ଥିବା ଡୁମୁଣିଖୋଲ ଗ୍ରାମବାସୀଙ୍କ ପାଇଁ ବିଦ୍ୟୁତ ଆଲୁଅ ସାତସପନ ସାଜିଛି । ଗାଁରେ ୨୦୦ ରୁ ଉର୍ଦ୍ଧ୍ୱ ଲୋକମାନେ ବସବାସ କରୁଥିବା ବେଳେ ହାରାହାରି ୧୫୦ ଭୋଟର ରହିଥିବା ଜଣାପଡିଛି । ଏହି ଗ୍ରାମରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ରାଜନେତା ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଅଣଦେଖା କରୁଥିବା ଭଳି ମନେହୁଏ । ଆଧୁନିକ ସଭ୍ୟତା କେତେ କେତେ ନୂଆ କଥା ଜାଣୁଥିବା ବେଳେ ଏହି ଗ୍ରାମ ବହୁପଛରେ ପଡିଥିବା ଭଳି ଦୁଃଭାଗ୍ୟ ନୁହେଁ ତୋ ଆଉ କିଛି ନାହିଁ । ଦେଶ ଆଗକୁ ଆଗକୁ ଆଗାଉଥିବା ବେଳେ ଏହି ଗ୍ରାମର ଲୋକମାନେ ବହୁ ପଛ ପଡିଥିବା ଦେଖାଦେଇଛି । ଏହି ଗାଁରେ ବହୁ ବର୍ଷ ତଳେ ସୋଲାର ଲାଗିଥିଲା ସତ କିନ୍ତୁ ନିମ୍ନମାନର ସୋଲାର ସବୁ ଲଗାଇ ଠିକାଦାର ଛୁମାରିଥିବା ବେଳେ ଅଚଳ ବ୍ୟାଟେରୀ ମରାମତି କରିଦେବା ନାଁରେ ଅଜଣା ବ୍ୟକ୍ତି ମାନେ ନେଇଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଗାଁରେ ଅନ୍ଧାର ରାତିରେ ପୁଣି ଦ୍ୱିଗୁଣିତ ଅନ୍ଧାର ଘେରରେ ଗାଁର ବୃଦ୍ଧ,ବୃଦ୍ଧା, ଶିଶୁ, ଛାତ୍ରଛାତ୍ରୀ ସମେତଗ୍ରାମବାସୀ ବିଦ୍ୟୁତ ଆଲୁଅ ବିନା କଷ୍ଟରେ ଜୀବନ ଯାପନ କରୁଛନ୍ତି । ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ବାତାବରଣ ଦେଖାଦେଇଛି । ଏଣୁ ବିଦ୍ୟୁତ ସେବାରୁ ବାଦ ପଡିଥିବା ଏହି ଆଦିବାସୀ ବହୁଳ ଗାଁକୁ ବିଦ୍ୟୁତ ଭଳି ମୌଳିକ ସେବାରେ ସାମିଲ କରିବା ପାଇଁ ଦାବି ହେଉଛି । ଏପରିକି କେନ୍ଦ୍ରୀୟ କିମ୍ବା ରାଜ୍ୟ ବିଦ୍ୟୁତ କରଣ ଯୋଜନାରେ ବାଦପଡିଥିବା ଏହି ଗାଁକୁ ତୁରନ୍ତ ସାମିଲ କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

## ପୁଣି ହର୍ମୁଜ ପ୍ରଣାଳୀ ବନ୍ଦ କଲା ଇରାନ ଅସ୍ତ୍ରବିରତି ଭିତରେ ବଢ଼ିଲା ଉତ୍ତେଜନା




ନୂଆଦିଲ୍ଲୀ : ପୁଣି ହର୍ମୁଜ ପ୍ରଣାଳୀ ବନ୍ଦ କଲା ଇରାନ । ଅସ୍ତ୍ରବିରତି ଭିତରେ ବଢ଼ିଲା ଉତ୍ତେଜନା । ବଢ଼ିପାରେ ଅଶୋଧିତ ତେଲ ଦର। ବିଶ୍ୱ ସାମୁଦ୍ରିକ ପରିବହନ ଏବଂ ଶକ୍ତି ବଜାର ପାଇଁ ଏକ ବଡ଼ ଝଟକା। ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଚୁକ୍ତିର ମାତ୍ର କିଛି ଦିନ ପରେ, ଇରାନ ସେନା ପକ୍ଷରୁ 'ହର୍ମୁଜ ପ୍ରଣାଳୀ'କୁ ଜାହାଜ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ବନ୍ଦ ନେଇ ଘୋଷଣା କରାଯାଇଛି। ଫଳରେ ମାସ ମାସ ଧରି ଚାଲିଥିବା ଶକ୍ତି ସଙ୍କଟ ସୁଧୁରିବା ପରିବର୍ତ୍ତେ ପୁଣି ଥରେ ବିଶ୍ୱବ୍ୟାପୀ ଚିନ୍ତା ବଢ଼ିଛି। ଇରାନର ସରକାରୀ ଗଣମାଧ୍ୟମ 'ତାସନିମ' ଏବଂ 'ମେହର' ଅନୁଯାୟୀ, ସେନାର ଖାତାମ ଅଲ-ଅନବିୟା ସେଣ୍ଟ୍ରାଲ ହେଡକ୍ୱାର୍ଟର୍ସ ଏଭଳି ନିଷ୍ପତ୍ତି ନେଇଛି। ଦକ୍ଷିଣ ଲେବାନନରେ ଇସ୍ରାଏଲର ଏୟାରଷ୍ଟ୍ରାଇକ ଯୋଗୁ ଅନେକ ଲୋକ ପ୍ରାଣ ହରାଇବା ପରେ, ଏହାକୁ ଅସ୍ତ୍ରବିରତିର ଉଲ୍ଲଂଘନ ଦର୍ଶାଇ ଇରାନ ପ୍ରତିକ୍ରିୟା ପ୍ରକାଶ କରିଛି। ସେନା ପକ୍ଷରୁ କୁହାଯାଇଛି, ସୁରକ୍ଷା ଦୃଷ୍ଟିରୁ କୌଣସି ଜାହାଜ ଏହି ସୀମା ଆଡ଼କୁ ଆସିବା ଉଚିତ ନୁହେଁ। ସେନା ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଥିବା ବେଳେ ଇରାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଭିନ୍ନ ସଂକେତ ମିଳିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଆମେରିକା ସହ ହୋଇଥିବା ବୁଝାମଣା ଅନୁସାରେ ବାଣିଜ୍ୟିକ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ଉପରେ ନଜର ରଖାଯାଇଛି ଏବଂ ସେଗୁଡ଼ିକ ଚଳାଚଳ କରୁଛନ୍ତି। ଇରାନର ଏଭଳି ଦ୍ୱନ୍ଦ୍ୱାତ୍ମକ ବୟାନ ଯୋଗୁଁ ଆନ୍ତର୍ଜାତୀୟ ସ୍ତରରେ ଦ୍ୱିଧା ସୃଷ୍ଟି ହୋଇଛି। ପାରସ୍ୟ ଉପସାଗରକୁ ଓମାନ ଉପସାଗର ସହ ଯୋଡୁଥିବା ଏହି ଜଳପଥ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତେଲ ଏବଂ ବହୁ ପରିମାଣର ଏଲଏନଜି ପରିବହନ ହୋଇଥାଏ। ପୂର୍ବରୁ ମଧ୍ୟ ହର୍ମୁଜ ପ୍ରଣାଳୀ ବନ୍ଦ ରହିଥିବାରୁ ବିଶ୍ୱ ବଜାରରେ ତେଲ ଦର ଆକାଶଛୁଆଁ ହୋଇଥିଲା। ଚଳିତ ସପ୍ତାହ ଆରମ୍ଭରେ ଫ୍ରାନ୍ସର ଭର୍ସାଇଠାରେ ଆମେରିକା-ଇରାନ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏଥିରେ ପ୍ରଣାଳୀ ଖୋଲିବା ଏବଂ ପରମାଣୁ ଆଲୋଚନା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଏକ ବଡ଼ ବିଜୟ ବୋଲି କହିଥିଲେ, କିନ୍ତୁ ଇସ୍ରାଏଲ-ହିଜବୁଲ୍ଲା ବିବାଦ କାରଣରୁ ଏହି ଚୁକ୍ତି ଏବେ ବିପଦରେ। ଆମେରିକା ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ଏହା ପୂର୍ବରୁ ଇରାନର ଏଭଳି ଦାବି ଉପରେ ସନ୍ଦେହ ପ୍ରକାଶ କରିଥିଲେ । ସେ କହିଥିଲେ, ସମ୍ପୂର୍ଣ୍ଣ ଜଳପଥ ବନ୍ଦ ହେବାର କୌଣସି ସ୍ପଷ୍ଟ ପ୍ରମାଣ ନାହିଁ। ଏବେ ସାମୁଦ୍ରିକ ଯାତାୟାତ ଉପରେ ଏହାର ପ୍ରକୃତ ପ୍ରଭାବ କଣ ପଡ଼ିଛି, ତାହା ସ୍ପଷ୍ଟ ହୋଇନାହିଁ। ବୀମା କମ୍ପାନୀ ଏବଂ ଜାହାଜ ମାଲିକମାନେ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ବିଶେଷଜ୍ଞଙ୍କ ମତରେ, ଯଦି ଏହି ବନ୍ଦ ପ୍ରକ୍ରିୟା ଦୀର୍ଘଦିନ ଧରି ଚାଲେ, ତେବେ ବିଶ୍ୱ ଅର୍ଥନୀତି ପୁଣି ଥରେ ମାନ୍ଦାବସ୍ଥା ଆଡ଼କୁ ଗତି କରିବ। ସୁଇଜରଲ୍ୟାଣ୍ଡରେ ହେବାକୁ ଥିବା ଆଗାମୀ କୂଟନୈତିକ ଆଲୋଚନା ଉପରେ ମଧ୍ୟ କଳାବାଦଲ ଦେଖାଦେଇଛି।

## ବାଂଲାଦେଶରେ ତାତିଲେ ହିନ୍ଦୁ, ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ଅବମାନନା ପ୍ରତିବାଦରେ ବିକ୍ଷୋଭ

ଢାକା : ବାଂଲାଦେଶ ଢାକାରେ ତାତିଲେ ହିନ୍ଦୁ। ହଜାର ହଜାର ସଂଖ୍ୟାରେ ହିନ୍ଦୁ ସମ୍ପ୍ରଦାୟର ଲୋକେ ଏକ ବିଶାଳ ମଶାଲ ଶୋଭାଯାତ୍ରା କରିଛନ୍ତି। 'ଜୟ ଶ୍ରୀରାମ', 'ଜାଗୋ ସନାତନୀ ଜାଗୋ' ନାରାବାଜୀରେ କମ୍ପିଲା ରାଜପଥ। ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ଅବମାନନା ଓ ଏକ ପ୍ରମୁଖ ମନ୍ଦିରରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟକୁ ବଳପୂର୍ବକ ବନ୍ଦ କରିବା ପ୍ରତିବାଦରେ ତେଜିଛି ବିକ୍ଷୋଭ। 'ହିନ୍ଦୁ ମହାଜୁଟ୍' ଓ 'ୟୁନାଇଟେଡ୍ ସନାତନୀ ସୋସାଇଟି' ଭଳି ପ୍ରମୁଖ ସଂଗଠନ ଦ୍ୱାରା ଏହି ଆନ୍ଦୋଳନ ଆୟୋଜିତ ହୋଇଛି। ଏଥିଯୋଗୁ ଢାକାର ପ୍ରମୁଖ ଛକଗୁଡ଼ିକରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି। ଗାଇବାନ୍ଧା ଜିଲ୍ଲାର ପଲାସବାଡ଼ି ସ୍ଥିତ ଶ୍ରୀଶ୍ରୀ ରାଧା ଗୋବିନ୍ଦ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ଏକ ବିଶାଳ ମୂର୍ତ୍ତି ନିର୍ମାଣକୁ କିଛି କଠୋରପନ୍ଥୀ ସଂଗଠନ ବିରୋଧ କରୁଥିଲେ। ଜୁନ୍ ପ୍ରାରମ୍ଭରେ ଏକ ବିକ୍ଷୋଭ ବେଳେ ପ୍ରଭୁ ଶ୍ରୀରାମଙ୍କ ଛବି ଉପରେ ଜୋତା ରଖାଯାଇଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ୮୧ ଫୁଟ୍ ଉଚ୍ଚତାର ବିଶାଳ ଶ୍ରୀରାମ ମୂର୍ତ୍ତିର ପ୍ରାୟ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ କଠୋରପନ୍ଥୀଙ୍କ ଭଙ୍ଗାରୁଜା ଏବଂ ନିର୍ମାଣ ବନ୍ଦ କରିବା ଚେତାବନୀ ଯୋଗୁଁ ଏହାକୁ ବାଧ୍ୟ ହୋଇ ସ୍ଥଗିତ ରଖାଯାଇଛି। ପ୍ରତିବାଦରେ ଶୁକ୍ରବାର ସନ୍ଧ୍ୟାରେ ଢାକା ବିଶ୍ୱବିଦ୍ୟାଳୟ ଓ ଶାହବାଗ୍ ଛକରୁ ହଜାର ହଜାର ହିନ୍ଦୁ ଯୁବକ, ମହିଳା ଓ ଛାତ୍ରଛାତ୍ରୀ ମଶାଲ ଧରି ଜାତୀୟ ପ୍ରେସ୍ କ୍ଲବ୍ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ପରିସ୍ଥିତି ସୁଧାରିବାକୁ ବିକ୍ଷୋଭକାରୀମାନେ ବାଂଲାଦେଶ ସରକାରଙ୍କୁ ୭୨ ଘଣ୍ଟାର ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ଅପରାଧୀଙ୍କୁ ଗିରଫ କରିବା ଓ ଶ୍ରୀରାମ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ କରିବାକୁ ଦାବି କରାଯାଇଛି।

## ମହାରାଷ୍ଟ୍ରରେ ଭୁଶୁଡ଼ିଲା ମାରୁତି ମନ୍ଦିରର ସଭାମଣ୍ଡପ ଛାତ, ୭ ମୃତ

ମୁମ୍ବାଇ : ମହାରାଷ୍ଟ୍ର ପରଭଣୀ ଜିଲ୍ଲାର ମାନବତ ତହସିଲ ସ୍ଥିତ ପ୍ରସିଦ୍ଧ ଯଶୱାଡି ମାରୁତି ମନ୍ଦିର ପରସରରେ ବଡ଼ ଅଘଟଣ । ମନ୍ଦିର ସାମ୍ନାରେ ତିଆରି ହୋଇଥିବା ସଭା ମଣ୍ଡପ ଭୁଶୁଡ଼ି ପଡିବାରୁ ଅନେକ ଶ୍ରଦ୍ଧାଳୁ ଚାପି ହୋଇଥିବା ଆଶଙ୍କା କରାଯାଉଛି । ୩୦ରୁ ୪୦ ଜଣ ଶ୍ରଦ୍ଧାଳୁ ଚାପିହୋଇଥିବା ଆଶଙ୍କା କରାଯାଉଛି । ଘଟଣାରେ ଅନେକ ଆହତ ହୋଇଛନ୍ତି । ଦୁର୍ଘଟଣାରେ ବର୍ତ୍ତମାନ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦-୪୦ ଜଣ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଆଗକୁ ମୃତକଙ୍କ ସଂଖ୍ୟା ବଢିବାରେ ବୋଲି ଅନୁମାନ କରାଯାଉଛି । ମହାରାଷ୍ଟ୍ର ପରଭଣୀ ଜିଲ୍ଲାର ମାନବତ ତହସିଲ ସ୍ଥିତ ପ୍ରସିଦ୍ଧ ଯଶୱାଡି ମାରୁତି ମନ୍ଦିର ପରସରରେ ସଭା ମଣ୍ଡପ ଭୁଶୁଡ଼ି ପଡିବାରୁ ଅନେକ ଶ୍ରଦ୍ଧାଳୁ ଚାପି ହୋଇଥିବା ଆଶଙ୍କା କରାଯାଉଛି । ତେବେ ପ୍ରଶାସନ ପକ୍ଷରୁ କେତେ ଜଣ ଚାପି ହୋଇଛନ୍ତି, ତାହା ଜଣାପଡିନାହିଁ । ଘଟଣା ବିଷୟରେ ସୂଚନା ମିଳିବା ପରେ ଜିଲ୍ଲା ପ୍ରଶାସନ, ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । ଯୁଦ୍ଧକାଳୀନ ସ୍ତରରେ ଉଦ୍ଧାରକାର୍ଯ୍ୟ କରାଯାଉଛି । ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ଚେଷ୍ଟା କରାଯାଉଛି । ଆହତଙ୍କୁ ହସପିଟାଲରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଉଛି । ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳକୁ ଘେରାଯାଇ ଉଦ୍ଧାର କାର୍ଯ୍ୟ ଚାଲିଛି । ଅଧିକାରୀମାନେ ସ୍ଥିତି ଉପରେ ଲଗାତାର ନଜର ରଖିଛନ୍ତି ।

## ଟ୍ରେନରେ ଜେନେରାଲ ବଗି ସିଟ୍ କୁ ନେଇ ମାରପିଟ୍, ଆରପିଏଫଙ୍କ ଦାୟିତ୍ୱହୀନତା ପାଇଁ ଚାଲିଗଲା ଯୁବକଙ୍କ ଜୀବନ

ନୂଆଦିଲ୍ଲୀ : ଦିଲ୍ଲୀର ଶାହଦରା ରେଲୱେ ଷ୍ଟେସନରେ ଟ୍ରେନରେ ସିଟ୍ ବିବାଦକୁ ନେଇ ଜଣେ ଯାତ୍ରୀଙ୍କ ଜୀବନ ଚାଲିଯାଇଛି । ପ୍ଲାଟଫର୍ମ ନମ୍ବର-୩ରେ ଯୋଗା ଏକ୍ସପ୍ରେସର ଜେନେରାଲ ବଗିରେ ଚଢିବାକୁ ନେଇ ଜଣେ ବ୍ୟକ୍ତିଙ୍କୁ କିଛି ସହ ଯାତ୍ରୀ ପ୍ରବଳ ପିଟିଥିଲେ । ପିଟିବା ପରେ ପୀଡ଼ିତ ଯୁବକଙ୍କୁ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ଶାହଦରା ରେଲୱେ ଷ୍ଟେସନରେ ପ୍ଲାଟଫର୍ମ ନଂ ୩ରେ ସକାଳ ୬ଟାରେ ଘଟିଛି । ଖବର ମୁତାବକ, ହରିଦ୍ୱାର ଯାଉଥିବା ଯୋଗା ଏକ୍ସପ୍ରେସ ପ୍ଲାଟଫର୍ମ ନଂ ୩ରେ ପହଞ୍ଚିବା ପରେ ଜେନେରାଲ ଡବାରେ ଯାତ୍ରୀ ଚଢିବା ପାଇଁ ଭିଡ଼ ଲଗାଇଥିଲେ । ଏହି ସମୟରେ ଉତ୍ତରପ୍ରଦେଶ ବାଗପତର ପଙ୍କଜ ଧାମାଙ୍କ ସହିତ ଅନ୍ୟ କିଛି ଯାତ୍ରୀଙ୍କର ଯୁକ୍ତିତର୍କ ହୋଇଥିଲା । ଦେଖୁ ଦେଖୁ ଯୁକ୍ତିତର୍କ ହିଂସାର ରୂପ ନେଇଥିଲା । ରାଗରେ ସହଯାତ୍ରୀମାନେ ପଙ୍କଜଙ୍କ ଉପରେ ଆକ୍ରମଣ କରିଥିଲେ । ଯୁବକଙ୍କୁ ତଳେ ପକାଇ ଗୋଇଠା ଏବଂ ମୁଥ ମାରିବାକୁ ଲାଗିଥିଲେ । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଭାଇରଲ ହେଉଥିବା ଭିଡିଓରେ ଯୁବକଙ୍କୁ ମାଡ଼ ମରାଯିବା ବେଳେ ଆରପିଏଫ କନଷ୍ଟେବଲ ଭିଡ଼ ଭିତରୁ ରକ୍ଷା କରିଥିଲେ । କିନ୍ତୁ ପଙ୍କଜ ତଳେ ପଡ଼ିଯିବା ପରେ ସୁରକ୍ଷାକର୍ମୀ ତାଙ୍କୁ ସେଠାରେ ଛାଡ଼ି ଚାଲିଯାଇଥିଲେ । ଆଉ ଏହାପରେ ପଙ୍କଜଙ୍କୁ ଏଭଳି ଅବସ୍ଥାରେ ଦେଖି ଜଣେ ଦାୟିତ୍ୱବାନ ବ୍ୟକ୍ତି ହସପିଟାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ପଙ୍କଜଙ୍କ ଜୀବନ ଚାଲିଯାଇଥିଲା । ଘଟଣା ବିଷୟରେ ଖବର ପାଇଁ ପୁରୁଣା ଦିଲ୍ଲୀ ରେଲୱେ ପୋଲିସ ଷ୍ଟେସନ ଟିମ୍ ପହଞ୍ଚିଥିଲା । ପ୍ରାରମ୍ଭିକ ଚିକିତ୍ସା ରିପୋର୍ଟରୁ ଜଣାପଡିଛି ଯେ, ମାରପିଟ୍ ବେଳେ ପଙ୍କଜଙ୍କ ଶରୀରରେ ଆଭ୍ୟନ୍ତରୀଣ ଆଘାତ ତାଙ୍କ ମୃତ୍ୟୁର କାରଣ ପାଲଟିଛି । ପୋଲିସ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ କରି ବିଏନଏସ ଅଧିନରେ କେସ୍ ଫାଇଲ କରିଛି । ଏହାସହିତ ରେଲୱେ ଷ୍ଟେସନରେ ଲାଗିଥିବା ସିସିଟିଭି ଫୁଟେଜ ଏବଂ ଭାଇରଲ ଭିଡିଓ ଆଧାରରେ ମାରପିଟ କରିଥିବା ଆକ୍ରମଣକାରୀଙ୍କୁ ଖୋଜୁଛି । ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ।

## ଭୁଶୁଡ଼ିଲା ନିର୍ମାଣଧୀନ ମନ୍ଦିର ଛାତ: ଘଟଣାସ୍ଥଳରେ ୫ଜଣ ଭକ୍ତଙ୍କ ମୃତ୍ୟୁ

ପରଭଣି: ମହାରାଷ୍ଟ୍ରର ପରଭଣି ଜିଲ୍ଲାରେ ମାନବଟ ତହସିଲସ୍ଥିତ ଯଶବନ୍ତବାଡ଼ିରେ ଶନିବାର ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ଏଠାରେ ନିର୍ମାଣାଧୀନ ଏକ ହନୁମାନ ମନ୍ଦିରର ଛାତ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଯାହାଫଳରେ ମନ୍ଦିର ପରିସରରେ ଥିବା ବହୁ ସଂଖ୍ୟକ ଭକ୍ତ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି। ଦୁଃଖର ବିଷୟ ଘଟଣାସ୍ଥଳରେ ୫ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଭକ୍ତ ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିବା ସନ୍ଦେହ କରାଯାଉଛି। ଉଦ୍ଧାରକାର୍ଯ୍ୟ ଜାରି ରହିଛି।

## ଏଫ୍ଏଟିଏଫ୍ ଉପାଧ୍ୟକ୍ଷ ହେଲେ କେନ୍ଦ୍ର ସଂସ୍କୃତି ସଚିବ ବିବେକ ଅଗ୍ରୱାଲ

ନୂଆଦିଲ୍ଲୀ: କେନ୍ଦ୍ର ସଂସ୍କୃତି ସଚିବ ବିବେକ ଅଗ୍ରୱାଲଙ୍କୁ ଶୁକ୍ରବାର ଆନ୍ତର୍ଜାତିକ ସଙ୍ଗଠନ 'ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ' (ଏଫଏଟିଏଫ୍)ର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ମନି ଲଣ୍ଡରିଂ ଓ ଆତଙ୍କବାଦୀ ପାଣ୍ଠି ଯୋଗାଣ ରୋକିବା ପାଇଁ ମାନଦଣ୍ଡ ନିର୍ଦ୍ଧାରଣ କରୁଥିବା ଏହି ଅନ୍ତର୍ଜାତୀୟ ସଙ୍ଗଠନରେ ଭାରତ ପ୍ରଥମ ଥର ପାଇଁ ଉପାଧ୍ୟକ୍ଷ ପଦ ହାସଲ କରିଛି। ଭାରତ ୨୦୧୦ ମସିହାରୁ ଏହି ପ୍ରଭାବଶାଳୀ ସଂସ୍ଥାର ସଦସ୍ୟ ରହିଆସିଛି। ବିବେକ ଅଗ୍ରୱାଲ ବ୍ରିଟେନର ଜାଇଲ୍ସ ଥମସନଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ। ଥମସନ୍ ୧ ଜୁଲାଇ, ୨୦୨୫ ଠାରୁ ଏହି ପଦବୀରେ ଅଛନ୍ତି ଓ ଏହାପରେ ସେ ଅଧ୍ୟକ୍ଷ ପଦକୁ ଯିବେ। ୧୯୯୪ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡରର ଆଇଏଏସ୍ ଅଧିକାରୀ ଅଗ୍ରୱାଲ ପୂର୍ବରୁ ଏଫ୍ଏଟିଏଫ୍‌ରେ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫଟିୟୁ)ର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କ ନିକଟରେ ୩୦ ବର୍ଷର ପ୍ରଶାସନିକ ଅଭିଜ୍ଞତା ରହିଛି।

## ଟିଏମସି ପ୍ରାର୍ଥୀ ଜାହାଙ୍ଗୀର ଖାନଙ୍କ ପତ୍ନୀ ଗିରଫ, ସ୍ୱାମୀଙ୍କୁ ବାହାର କରିବା ପାଇଁ ପୋଲିସ ଉପରେ ପକାଇଥିଲେ ପଥର



କୋଲକତା : ଟିଏମସିର ଫାଲ୍‌ଟା ପ୍ରାର୍ଥୀ ଜାହାଙ୍ଗୀର ଖାନଙ୍କ ପତ୍ନୀ ସରିନା ବିବିଙ୍କୁ ଗିରଫ କରିଛି ପୋଲିସ । ଡାଏମଣ୍ଡ ହାର୍ବର ପୋଲିସ ତାଙ୍କୁ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ଗିରଫ କରିଛି । ପୋଲିସ ତାଙ୍କ ଉପରେ ଅନେକ ଜାମିନ ବିହୀନ ଧାରା ଲଗାଇଛି । ଏହି ମାମଲାରେ ଏବେଯାଏଁ ୨୭ ଜଣଙ୍କୁ ଗିରଫ କରିଛି । ସରିନା ବିବିଙ୍କ ଉପରେ ଅଭିଯୋଗ ରହିଛି କି, ସେ ପୋଲିସ ହେପାଜତରୁ ନିଜ ସ୍ୱାମୀଙ୍କୁ ଜବରଦସ୍ତ ଫେରାର କରିବାକୁ ଚେଷ୍ଟା କରୁଛନ୍ତି । ଥାନାରେ ହାଇ ଭୋଲଟେଜ ଡ୍ରାମା କରିବା ସହିତ ପୋଲିସ ଉପରକୁ ପଥର ମାଡ଼ କରିଥିଲେ । ଏବେ ପୋଲିସ ମାମଲାର ଯାଞ୍ଚ କରୁଛି । ଖବର ମୁତାବକ, ଜାହାଙ୍ଗୀର ଖାନଙ୍କ ପତ୍ନୀ ସରିନା ନିଜ କର୍ମୀଙ୍କ ସହିତ ପୋଲିସ ଷ୍ଟେସନକୁ ଯାଇ ଜାହାଙ୍ଗୀରଙ୍କୁ ବାହାର କରିବା ପାଇଁ ପ୍ଲାନ୍ କରୁଥିଲେ । ଏଥିପାଇଁ ଗାଁର କିଛି ମହିଳା ଏବଂ ପୁରୁଷକୁ ଏକାଠି କରିଥିଲେ । ପୋଲିସ ଉପରେ ଆକ୍ରମଣ କରିବାର ପ୍ଲାନ୍ ମଧ୍ୟ ଥିଲା । ଏହାପରେ ସେଣ୍ଟ୍ରାଲ ଫୋର୍ସ ଏବଂ ପୋଲିସ ଲାଠିଚାର୍ଜ କରି ଅଞ୍ଚଳକୁ ଖାଲି କରିଥିଲା । ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି କି, ଅନେକ ଲୋକ ଫେରାର ହେବାକୁ ଚେଷ୍ଟା କରି ପୋଖରୀରେ ପଡିଯାଇଥିଲେ । ଏହାପରେ ହଙ୍ଗାମା ହୋଇଥିଲା । ନିକଟରେ ସ୍ଥାନୀୟ ଅଞ୍ଚଳରେ ଦଙ୍ଗା କରିବା ନେଇ ଉସୁକାଉଥିବାରୁ ପୋଲିସ ନିଜ ତରଫରୁ ଏଫଆଇଆର ଦାୟର କରିଥିଲା । ଏହାପରେ ଜାହାଙ୍ଗୀର ଖାନଙ୍କ ପତ୍ନୀଙ୍କୁ ଖୋଜାଯାଉଥିଲା । ଯାଞ୍ଚ ସମୟରେ ପୋଲିସକୁ ଖବର ମିଳିବା ପରେ ପୋଲିସ ଟିମ୍ ଦକ୍ଷିଣ ୨୪ ପ୍ରଗଣାରେ ସରିନା ବିବିଙ୍କୁ ଗିରଫ କରିଛି । ଏବେ ସରିନା ବିବି ପୋଲିସ ହେପାଜତରେ ରହିଛନ୍ତି । ଆଉ ପୋଲିସ ଏହି ମାମଲାରେ ଲଗାତାର ପଚରାଉଚରା କରୁଛି । ଫାଲ୍‌ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ୟାପକ ହିଂସାକାଣ୍ଡ ଘଟାଇ ଦୀର୍ଘ ଦିନ ଧରି ଫେରାର ଥିବା ତୃଣମୂଳ କଂଗ୍ରେସ ନେତା ଜହାଙ୍ଗୀର ଖାନଙ୍କୁ ଏସଟିଏଫ ଗିରଫ କରିଥିଲା । ନେପାଳ ସୀମା ପାଖରୁ ତାଙ୍କୁ ଗିରଫ କରିଥିଲା । ବିଦେଶ ଫେରାର ହେବା ନେଇ ଯୋଜନା କରୁଥିଲେ ଜାହାଙ୍ଗୀର ଖାନ । ଫାଲ୍‌ଟା ନିର୍ବାଚନ ସମୟରେ ଜହାଙ୍ଗୀର ଖାନଙ୍କ ବିରୋଧରେ ଇଭିଏମ୍ ମେସିନ ଟାମ୍ପରି କରିବା ଏବଂ ବ୍ୟାପକ ହିଂସା ସୃଷ୍ଟି କରିବା ଭଳି ଗୁରୁତର ଅଭିଯୋଗ ଆସିଥିଲା । ହିଂସା ଯୋଗୁଁ ନିର୍ବାଚନ କମିଶନ ଭୋଟ୍ ଗ୍ରହଣ ସ୍ଥଗିତ ରଖି ପରେ ନିର୍ବାଚନକୁ ରଦ୍ଦ କରିଦିଆଯାଇଥିଲା ।

## ଟ୍ରେନ୍‌କୁ ପିଟିଲା ଟ୍ରେନ୍, ପାଇଲଟ୍ ମୃତ ଏବଂ ୮୦ ରୁ ଅଧିକ ଆହତ

ନୂଆଦିଲ୍ଲୀ: ଲଣ୍ଡନରେ ଭୟଙ୍କର ଦୁର୍ଘଟଣା । ଧକ୍କା ହୋଇଛି ଦୁଇଟି ଟ୍ରେନ୍ । ଏହି ଦୁର୍ଘଟଣାରେ ୮୦ ରୁ ଅଧିକ ଯାତ୍ରୀ ଆହତ ହେବା ସହ ଟ୍ରେନ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ଆହତଙ୍କ ମଧ୍ୟରୁ ୧୧ ଜଣଙ୍କ ଅବସ୍ଥା ଗୁରୁତର ଅଛି । ଅନ୍ୟ ୨୨ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ଲଣ୍ଡନର ଉତ୍ତରରେ ଥିବା ବେଡଫୋର୍ଡରେ ଘଟିଛି । ଜରୁରୀକାଳୀନ ସେବା ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଛି । ଜଣେ ଯାତ୍ରୀ କହିଛନ୍ତି ଯେ ଧକ୍କା ଯୋଗୁଁ ସେ ଆଗକୁ ଫୋପାଡ଼ି ହୋଇ ପଡ଼ିଥିଲେ । ତା'ପରେ ସେ ଅନ୍ୟ ଯାତ୍ରୀମାନଙ୍କୁ ହାଡ଼ଭଙ୍ଗା ଏବଂ ରକ୍ତାକ୍ତ ଅବସ୍ଥାରେ ଦେଖିଥିଲେ । ସୂଚନା ଅନୁଯାୟୀ, ଦୁଇଟି ଟ୍ରେନ୍ ଦକ୍ଷିଣ ଦିଗକୁ ଲଣ୍ଡନର ସେଣ୍ଟ ପାନ୍‌କ୍ରାସ୍ ଷ୍ଟେସନ ଅଭିମୁଖେ ଯାଉଥିଲା । ବେଡଫୋର୍ଡ ସହର ବାହାରେ ସ୍ଥାନୀୟ ସମୟ ପ୍ରାୟ ସନ୍ଧ୍ୟା ୫:୧୫ ରେ ଏହି ଧକ୍କା ହୋଇଥିଲା । ଗୋଟିଏ ଟ୍ରେନ୍ ଅଟକି ରହିଥିଲା ଏବଂ ଅନ୍ୟଟି ପଛରୁ ଧକ୍କା ଦେଇଥିଲା । ଦୁର୍ଘଟଣା ସମୟରେ ଟ୍ରେନ୍ ଗୁଡ଼ିକ ଦ୍ରୁତ ଗତିରେ ଚାଲୁ ନଥିଲେ, ହେଲେ ବହୁ ସଂଖ୍ୟକ ଲୋକ ଆହତ ହୋଇଥିଲେ । ଜରୁରୀକାଳୀନ ସେବା ଘଟଣାସ୍ଥଳକୁ ଅନେକ ଦଳ ପଠାଇଥିଲା, ଯେଉଁଥିରେ ଏକ ଏୟାର ଆମ୍ବୁଲାନ୍ସ ଏବଂ ପୂର୍ବ ଇଂଲଣ୍ଡ ଆମ୍ବୁଲାନ୍ସ ସେବାର ବିପଦ ଘଟଣା ଦଳ ମଧ୍ୟ ସାମିଲ ଥିଲା, ଯେଉଁମାନେ ଆହତମାନଙ୍କୁ ଉଦ୍ଧାର କରିଥିଲେ । ପୋଲିସ ଏକ ବିବୃତ୍ତିରେ କହିଛି, ଆମେ ଜାଣିଛୁ ଯେ ଅନେକ ଲୋକ ଆହତ ହୋଇଛନ୍ତି ଏବଂ ଦୁଃଖର ବିଷୟ, ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଏହାକୁ ଏକ ବଡ଼ ଘଟଣା ଘୋଷଣା କରାଯାଇଛି ଏବଂ ଅଧିକାରୀମାନେ ବେଡଫୋର୍ଡଶାୟାର ପୋଲିସ ଏବଂ ସ୍ଥାନୀୟ ଅଗ୍ନିଶମ ଏବଂ ଉଦ୍ଧାର ଏବଂ ଆମ୍ବୁଲାନ୍ସ ସେବାର ସହକର୍ମୀଙ୍କ ସହିତ ଘଟଣାସ୍ଥଳରେ ପ୍ରତିକ୍ରିୟା ଦେଉଛନ୍ତି। ପିଟର ନାପ୍ କହିଛନ୍ତି ଯେ ଧକ୍କା ସମୟରେ ସେ ପଛ ଟ୍ରେନ୍ର ଜଣେ ଯାତ୍ରୀ ଥିଲେ । ଧକ୍କା ପୂର୍ବରୁ କୌଣସି ସତର୍କତା ନଥିଲା । କିଛି ସମୟ ପାଇଁ, ମୋତେ ଏପରି ଲାଗିଲା ଯେପରି ମୁଁ ମୋ ସାମ୍ନା ସିଟ୍ ସହିତ ଧକ୍କା ଖାଉଛି । ଲୋକମାନେ କାନ୍ଦୁଥିଲେ ଏବଂ ଚିତ୍କାର ମଧ୍ୟ କରୁଥିଲେ। ଲୋକମାନେ ବହୁତ ଭୟଭୀତ ଏବଂ ଦ୍ୱନ୍ଦ୍ୱରେ ପଡ଼ିଥିଲେ । ମୁଁ ଉଠି ଦେଖିଲି ଯେ ଅନେକ ଲୋକ କଥା କହିପାରୁ ନଥିଲେ, ସେମାନଙ୍କ ଗୋଡ଼ ଭାଙ୍ଗି ଯାଇଥିଲା ।

## ନାଗପୁର ଛାତ୍ରଙ୍କ ଆବୁଧାବିରେ ପରୀକ୍ଷା କେନ୍ଦ୍ର ପ୍ରସଙ୍ଗ ଏନ୍‌ଟିଏକୁ ରାହୁଲଙ୍କ ତୀବ୍ର ସମାଲୋଚନା



ନୂଆଦିଲ୍ଲୀ: ନିଟ୍ ପୁନଃପରୀକ୍ଷା ଆସନ୍ତାକାଲି (୨୧ ଜୁନ୍)ରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ନାଗପୁର ଜଣେ ନିଟ୍ ଆଶାୟୀ ଛାତ୍ରଙ୍କ ପରୀକ୍ଷା କେନ୍ଦ୍ର ଆବୁଧାବିରେ ହେବା ଘଟଣାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏନ୍‌ଟିଏକୁ ତୀବ୍ର ସମାଲେଚନା କରି ଛାତ୍ରଙ୍କ ଭବିଷ୍ୟତ ସହିତ ନ ଖେଳିବା ପାଇଁ ଚେତାବନୀ ଦେଇଛନ୍ତି।

'ଏକ୍ସ'ରେ ଏକ ପୋଷ୍ଟ କରି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଲେଖିଛନ୍ତି ?ଯେ, ନାଗପୁରର ଜଣେ ଛାତ୍ର ନିଟ୍ ପୁନଃ ପରୀକ୍ଷା ପାଇଁ ମାସେ ହେଲା ପ୍ରସ୍ତୁତି କରୁଛନ୍ତି। ପରୀକ୍ଷାର ଦିନକ ପୂର୍ବରୁ ଆଡମିଟ୍ କାର୍ଡ଼ ଡାଉନଲୋଡ କରିବାବେଳେ ତାଙ୍କ ପରୀକ୍ଷା କେନ୍ଦ୍ର ଆବୁଧାବିରେ ପଡ଼ିଥିବା ଦେଖିଲେ। ତାଙ୍କ ପାଖରେ ପାସପୋର୍ଟ ନାହିଁ, ବିଦେଶ ଯିବାକୁ ଘରେ ଏତେ ସମ୍ବଳ ନାହିଁ। ତାଙ୍କ ପାଖରେ ସମୟ ମଧ୍ୟ ନାହିଁ। ସେ ରାତି ସାରା କାନ୍ଦିଲେ। ପରୀକ୍ଷା ଦେବାକୁ ଇଚ୍ଛା କରୁନାହାନ୍ତି। ଏ ଭିତରେ କେତେ ଚାପ ରହିଥିବ କେହି ଚିନ୍ତା କରିପାରିବ କି ?

ଏହା କେମିତି ହେଲା ବୋଲି ରାହୁଲ ଗାନ୍ଧୀ ପ୍ରଶ୍ନ କରିବା ସହିତ କେ ?ଣସି ଛାତ୍ରଛାତ୍ରଙ୍କୁ ଏମିତି ନିଜ ପରୀକ୍ଷା କେନ୍ଦ୍ର ପହଞ୍ଚି ନ ପାରିବା ପରି ସମସ୍ୟା ନ ଭୋଗିବାକୁ ପଡୁ ବୋଲି କହିଛନ୍ତି। ବାସ୍ତବରେ ଏନ୍ ?ଟିଏ ଦେଶର ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କ ଧୈ ?ର୍ଯ୍ୟ ପରୀକ୍ଷା କରୁଛି ବୋଲି କଂଗ୍ରେସ ସାଂସଦ କହିଛନ୍ତି। ଯେଉଁ ବ୍ୟବସ୍ଥା ଜଣେ ପିଲାକୁ ତାଙ୍କ ଦେଶରେ ପରୀକ୍ଷା ଦେବା ପାଇଁ ଏକ କେନ୍ଦ୍ର ବ୍ୟବସ୍ଥା କରିପାରୁନି, ଓଲଟା ବିଦେଶ ପଠାଉଛି ତାକୁ ପରୀକ୍ଷା କରିବାର କେ ?ଣସି ଅଧିକାର ନାହିଁ ବୋଲି ରାହୁଲ ଗାନ୍ଧୀ କହିଛନ୍ତି।ଏହି ପ୍ରସଙ୍ଗରେ ଏନ୍‌ଟିଏ ଏନ୍‌ଡିଟିଭିକୁ କହିଥିଲା ଯେ, ଆମେମାନେ ତ୍ରୁଟି ସଂଶୋଧନ କରି ଛାତ୍ରଙ୍କୁ ନାଗପୁରରେ ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ଆଡମିଟ୍ କାର୍ଡ଼ କିଛି ଘଣ୍ଟା ମଧ୍ୟରେ ପ୍ରଦାନ କରିବୁ।

## ଅନୁପସ୍ଥିତ ସାଂସଦମାନଙ୍କୁ ୨୪ ଘଣ୍ଟିଆ କାରଣ ଦର୍ଶାଅ ନୋଟିସ୍ ଜାରି

ମୁମ୍ବାଇ: ଶିବସେନାର ଉଦ୍ଧବ ଠାକରେ ଗୋଷ୍ଠୀ ମଧ୍ୟରେ ଆଭ୍ୟନ୍ତରୀଣ କନ୍ଦଳ ଜାରି ରହିଛି। ପରିସ୍ଥିତି ଏପରି ସ୍ଥିତିରେ ପହଞ୍ଚିଛି ଯେ, ଉଦ୍ଧବ ଠାକରେ ଗୋଷ୍ଠୀର ସାଂସଦମାନେ ଦଳୀୟ ବୈଠକରେ ମଧ୍ୟ ଯୋଗ ଦେଉନାହାନ୍ତି। ଏହାର ଜବାବରେ, ଶିବସେନା(ୟୁବିଟି) ଅନୁପସ୍ଥିତ ସାଂସଦମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଏବଂ ଅଯୋଗ୍ୟ ଘୋଷଣା କରିବା ନେଇ ଧମକ ଦେଇଛି। ଲୋକସଭାରେ ଦଳର ମୁଖ୍ୟ ସଚେତକ ଅନିଲ ଦେଶାଇ ଅନୁପସ୍ଥିତ ସାଂସଦମାନଙ୍କୁ ଏକ ଆନୁଷ୍ଠାନିକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି, ଯେଉଁଥିରେ ସେମାନଙ୍କୁ ସେମାନଙ୍କ ଆଚରଣ ବିଷୟରେ ସ୍ପଷ୍ଟ କରିବାକୁ ୨୪ ଘଣ୍ଟା ସମୟ ଦିଆଯାଇଛି।

ନୋଟିସ୍‌ରେ ଏକ କଡ଼ା ଚେତାବନୀ ଦିଆଯାଇଛି ଯେ, ଯଦି ସାଂସଦମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ଦେବାରେ ବିଫଳ ହୁଅନ୍ତି, ତେବେ ଦଳ ଧରିନେବ ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ସେମାନଙ୍କ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି।

# ପ୍ରସିଦ୍ଧ କୃଷ୍ଣାଙ୍କୁ ୫ ସଫଳତା, ଜୟସ୍ୱାଲଙ୍କ ଦମଦାର ଶତକ

ଚେନ୍ନାଇ,୨୦।୫(ଏଜେନ୍ସି): ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ ଶନିବାର ଆଫଗାନିସ୍ତାନ ବିପକ୍ଷରେ ବିଶାଳ ବିଜୟ ହାସଲ କରିଛି। ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରିଛି। ୩ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୯ ୱିକେଟ୍‌ରେ ପରାସ୍ତ କରିଛି। ଏଥି ସହିତ ଭାରତ ଏହି ସିରିଜକୁ ୩-୦ରେ ଜିତିଛି।

## ତୃତୀୟ ଦିନିକିଆରେ ଭାରତ ବିଜୟୀ, ୩-୦ରେ କ୍ଲିନସୁଇପ୍






ଚେନ୍ନାଇରେ ଆଜି ଭାରତ ୨୧୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ପାଇଁ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ଅଭିଜ୍ଞ ଖେଳାଳି ରୋହିତ ଶର୍ମା ବ୍ୟାଟିଂ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ଶକ୍ତିଶାଳୀ ଆରମ୍ଭ କରିଥିଲେ। ପ୍ରଥମ ୱିକେଟ ପାଇଁ ୧୭୦ ରନ୍ ସଂଗ୍ରହ କରିଥିଲେ। ଏଥିରୁ ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ୭୯ ରନ୍ କରିଥିଲେ। ସେ ୬୯ଟି ବଲ୍ ଖେଳି ୯ଟି ଚେକା ଏବଂ ୩ଟି ଛକା ମାରିଥିଲେ। ଭାରତ ପାଇଁ ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଛନ୍ତି। ସେ ଅପରାଜିତ ଶତକ (୧୧୦ ରନ୍) ହାସଲ କରିଛନ୍ତି। ୮୬ଟି ବଲ୍ ଖେଳି ୧୪ଟି ଚେକା ଏବଂ ୩ଟି ଛକା ମାରିଛନ୍ତି। ଶ୍ରେୟସ ଆୟର ୨ଟି ଛକା ବଳରେ ଅପରାଜିତ ୨୦ ରନ୍ କରିଛନ୍ତି।

ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଆଫଗାନିସ୍ତାନ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ହସମତୁଲ୍ଲା ସାହିଦୀଙ୍କ ନେତୃତ୍ୱରେ ଦଳ ୪୪.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୧୮ ରନ୍ ସଂଗ୍ରହ କରିଥିଲା। ଆଫଗାନିସ୍ତାନ ପାଇଁ ଅଧିନାୟକ ହସମତୁଲ୍ଲା ସାହିଦୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୩୧ଟି ବଲ୍ ଖେଳି ଶତକ (୧୦୨ରନ୍) କରିଥିଲେ। ଏଥିରେ ସେ ୧୩ଟି ଚେକା ଏବଂ ଗୋଟିଏ ଛକା ମାରିଥିଲେ। ସେହିପରି ଆଜମାତୁଲ୍ଲା ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୬ଟି ବଲ୍ ଖେଳି ୫ଟି ଚେକା ଏବଂ ୨ଟି ଛକା ମାରିଥିଲେ। ମହମ୍ମଦ ନବି ୨୧ ରନ୍ ସଂଗ୍ରହ କରିଥିଲେ। ଇବ୍ରାହିମ ଜର୍‌ଦାନଙ୍କ ବ୍ୟାଟରୁ ୧୧ ରନ୍ ଅମଳ ହୋଇଥିଲା।ଆଫଗାନିସ୍ତାନର ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ଉତ୍ସାହଜନକ ନଥିଲା। ରହମାନୁଲ୍ଲା ଗୁରବାଜ, ରହମତ ସାହ ଏବଂ ରସିଦ ଖାନ ପ୍ରତ୍ୟେକ ୫ ରନ୍ ଲେଖାଏଁ କରିଥିଲେ। ସେହିପରି ଡାରୱିସ ରାସୋଲି, ଏଏମ୍ ଗଜନଫର ଏବଂ ଜିଆ ଉର ରହମାନ ସରିଫ ମାତ୍ର ୧ ରନ୍ ଲେଖାଏଁ କରିଥିଲେ।

ଭାରତ ପାଇଁ ପ୍ରସିଦ୍ଧ କୃଷ୍ଣା ଶ୍ରେଷ୍ଠ ବୋଲିଂ କରିଥିଲେ। ସେ ୮.୨ ଓଭର ବୋଲିଂ କରିଥିଲେ। ସେ ୨୩ ରନ୍ ଖର୍ଚ୍ଚ କରିଥିଲା ବେଳେ ୨ଟି ମେଡେନ ଓଭର ଏବଂ ୫ଟି ୱିକେଟ୍ ନେଇଥିଲେ। ଗୁରନୁର ବ୍ରାର୍, ପ୍ରିନ୍ସ ଯାଦବ ଏବଂ ହର୍ଷ ଦୁବେ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ମୁକାବିଲାରେ ଅଭିଜ୍ଞ ବ୍ୟାଟର ରୋହିତ ଶର୍ମା ନିଜର ଚମକପ୍ରଦ ଫିଲ୍ଡିଂ କରି ଚର୍ଚ୍ଚାକୁ ଆସିଛନ୍ତି। ୩୯ ବର୍ଷୀୟ ରୋହିତ ସ୍ଲିପ୍‌ରେ ଲଗାତାର ୩ଟି କ୍ୟାଚ୍ ନେଇ ଆଫଗାନିସ୍ତାନର ୩ଜଣ ବ୍ୟାଟରଙ୍କୁ ପାଭିଲିଅନର ରାସ୍ତା ଦେଖାଇଛନ୍ତି। ତାଙ୍କର ବୟସ ସିନା ବିଛି, କିନ୍ତୁ ସେ ଫିଟ୍‌ନେସ ମଜବୁତ ଅଛି ବୋଲି ସେ ପ୍ରମାଣିତ କରିଛନ୍ତି। ରୋହିତ ଯେଉଁ ୩ଟି କ୍ୟାଚ୍ ଧରିଥିଲେ, ସେହି ସମୟରେ ପ୍ରସିଦ୍ଧ କୃଷ୍ଣା ବୋଲିଂ କରିଥିଲେ। ପ୍ରସିଦ୍ଧ କୃଷ୍ଣାଙ୍କର ବଲ୍‌କୁ ବ୍ୟାଟିଂ କରିଥିବା ଆଫଗାନିସ୍ତାନର ଅନ୍ୟ ୨ଜଣ ବ୍ୟାଟରଙ୍କ ବଲ୍‌କୁ ଶ୍ରେୟସ ଆୟର କ୍ୟାଚ୍ କରିଥିଲେ।

ତୃତୀୟ ଦିନିକିଆ ସହିତ ଭାରତ ଏହି ସିରିଜକୁ ମୂଳପୋଛ କରିଛି। ବର୍ଷା ବାଧିତ ପ୍ରଥମ ଦିନିକିଆ ଗତ ୧୩ ତାରିଖ ଦିନ ଖେଳାଯାଇଥିଲା। ଭାରତ ଏହି ମ୍ୟାଚ୍‌କୁ ୭ ୱିକେଟ୍‌ରେ ବିଜୟ ହାସଲ କରିଥିଲା। ୨୫-୨୫ ଓଭରର ମ୍ୟାଚରେ ଆଫଗାନିସ୍ତାନ ୨୪.୫ ଓଭରରେ ସମସ୍ତ ୱିକେଟ ହରାଇ ୧୯୪ ରନ୍ କରିଥିଲା। ଜବାବରେ ଭାରତ ୨୨.୫ ଓଭରରେ ୩ଟି ୱିକେଟ ହରାଇ ୧୯୫ ରନ୍ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଜୁନ ୧୭ ତାରିଖ ଦିନ ଖେଳାଯାଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୪୯.୫ ଓଭରରେ ସମସ୍ତ ୱିକେଟ ହରାଇ ୪୦୨ ରନ୍ କରିଥିଲା। ଜବାବରେ ଆଫଗାନିସ୍ତାନ ୪୪.୩ ଓଭରରେ ସମସ୍ତ ୱିକେଟ ହରାଇ ୨୩୨ ରନ୍ କରିଥିଲା। ଫଳରେ ଭାରତ ୧୭୦ ରନ୍‌ର ବିଶାଳ ବ୍ୟବଧାନରେ ମ୍ୟାଚ୍ ଜିତିଥିଲା।



# ନିରାଶ କଲେ ନୀରଜ : ଡାଇମଣ୍ଡ ଲିଗ୍‌ରେ ୪ର୍ଥ

ପ୍ୟାରିସ,୨୦।୬: ଆହତ ସମସ୍ୟା ଯୋଗୁ ନିଜ ସିଜିନକୁ ବିଳମ୍ବରେ ଆରମ୍ଭ କରିଥିବା ସୁନ ପୁଅ ନୀରଜ ଚୋପ୍ରା ସମସ୍ତଙ୍କୁ ନିରାଶ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପାଇଁ ଜାଭେଲିନରେ ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜ ଦୋହା ଡାଇମଣ୍ଡ ଲିଗରେ ନିଜର ଛାପ ଛାଡି ପାରି ନାହାନ୍ତି। ଆହତ ସମସ୍ୟାରୁ ମୁକୁଳିବା ପରେ ନିଜର ପ୍ରଥମ ପ୍ରତିଯୋଗିତାରେ ସେ ୪ର୍ଥ ସ୍ଥାନରେ ରହି ନିଜର ଅଭିଯାନ ଶେଷ କରିଛନ୍ତି।

ଯଦିଓ ନୀରଜ ପୋଡିୟମକୁ ଯାଇ ପାରି ନାହାନ୍ତି, କିନ୍ତୁ ତାଙ୍କ ସମର୍ଥିତ ଆଥଲେଟ ବାଜି ମାରି ନେଇଛନ୍ତି। ଶ୍ରୀଲଙ୍କାର ରମେଶ ଥାରାଙ୍ଗା ପାଥିରାଜେଙ୍କ ପ୍ରତିଭାକୁ ବିଶ୍ୱ ଦେଖିବା ପୂର୍ବରୁ ହିଁ ନୀରଜ ବେଶ କିଛି ମାସ ପୂର୍ବରୁ ଦେଖି ସାରିଥିଲେ। ରମେଶ କିଛି କରି ଦେଖାଇବେ ବୋଲି ନୀରଜ ଦେଇଥିବା ବୟାନ ଦୋହା ଡାଇମଣ୍ଡ ଲିଗରେ ସତ ହୋଇଛି। ରମେଶ ସମସ୍ତଙ୍କୁ ପଛରେ ପକାଇ ଦୋହା ଡାଇମଣ୍ଡ ଲିଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନୀରଜଙ୍କ କଥା ବିଚାରକୁ ନେଲେ ତାଙ୍କର ସର୍ବଶ୍ରେଷ୍ଠ ଥ୍ରୋ ଥିଲା ମାତ୍ର ୮୫.୬୯ ମିଟର। ସେ ତୃତୀୟ ପ୍ରୟାସରେ ଜାଭେଲିନକୁ ଏତେ ଦୂର ଫିଙ୍ଗିଥିଲେ। ଏହି ଥ୍ରୋ ଯୋଗୁ ସେ ରାଜ୍ୟଗୋଷ୍ଠୀ କ୍ରୀଡାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ଆଥଲେଟିକ୍ସ ମହାସଂଘ ପକ୍ଷରୁ ଯୋଗ୍ୟତା ହାସଲ କରିବାକୁ ୮୨.୬୧ ମିଟର ଦୂରତା ଧାର୍ଯ୍ୟ କରାଯାଇଥିଲା। ଏହାକୁ ବେଶ ସହଜରେ ଅତିକ୍ରମ କରି ନେଇଛନ୍ତି ନୀରଜ। କିନ୍ତୁ ୮୫.୬୯ ମିଟର ଥ୍ରୋ ସତ୍ତ୍ୱେ ସେ ୪ର୍ଥ ସ୍ଥାନରେ ହିଁ ରହିବାକୁ ସକ୍ଷମ ହୋଇଛନ୍ତି। ପଥିରାଜେ ୮୮.୬୮ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଚାମ୍ପିୟନ ହୋଇଥିବା ବେଳେ ବିଶ୍ୱର ପୂର୍ବତନ ଚାମ୍ପିୟନ ଆଣ୍ଡରସନ ପିଟର୍ସ ୮୬.୩୮ ମିଟର ସହ ଦ୍ୱିତୀୟ ଓ ଆମେରିକାର କ୍ରଟିସ ଥମପସନ ୮୫.୯୯ ମିଟର ଥ୍ରୋ ସହ ତୃତୀୟ ସ୍ଥାନ ଦଖଲ କରିଛନ୍ତି। ଆହତ ସମସ୍ୟା ଯୋଗୁ ନୀରଜ ଚୋପ୍ରା ପ୍ରାୟ ଗୋଟିଏ ବର୍ଷ ପରେ କୌଣସି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେ ନିଜର ଅଭିଯାନ ଫାଉଲରୁ ଆରମ୍ଭ କରିଥିଲେ। ଦ୍ୱିତୀୟ ପ୍ରୟାସରେ ସେ ୮୨.୭୭ ମିଟିର ଥ୍ରୋ କରିଥିଲେ। ତୃତୀୟ ପ୍ରୟାସରେ ସେ ୮୫.୬୯ ମିଟର ଦୂରତାକୁ ଜାଭେଲିନ ଫିଙ୍ଗିଥିଲେ। ୪ର୍ଥ ପ୍ରୟାସରେ ଜାଭେଲିନ ୮୩.୪୫ ମିଟର ଥିଲା। ୫ମ ପ୍ରୟାସ ଫାଉଲ ହେବାରୁ ଶେଷ ରାଉଣ୍ଡରେ ଭାଗ ନେବାରୁ ବର୍ଣ୍ଣିଥିଲେ ନୀରଜ।

## ୨୦୨୭ ଆଇପିଏଲ୍ ଆଗୁଆ ହୋଇପାରେ

ନୂଆଦିଲ୍ଲୀ, ୨୦।୬- ମେ’ ମାସର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହରୁ ବର୍ତ୍ତିବା ଲାଗି ବିସିସିଆଇ ଆଇପିଏଲ୍‌କୁ ଆଗୁଆ କରିବାକୁ ଯୋଜନା ଚଳାଇଛି। ଆସନ୍ତା ବର୍ଷଠାରୁ ପରବର୍ତ୍ତୀ ସଂସ୍କରଣ ଲାଗି ମାର୍ଚ୍ଚ ୧୦ରୁ ମେ ୧୫ ପର୍ଯ୍ୟନ୍ତ ୱିଣ୍ଡୋକୁ ଟାର୍ଗେଟ କରାଯାଉଥିବା ବୋର୍ଡର ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।



ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କ୍ୟାଲେଣ୍ଡର କାରଣରୁ ଆଇପିଏଲ୍‌ରେ ମ୍ୟାଚ୍ ସଂଖ୍ୟା ୭୪ରୁ ବୃଦ୍ଧି କରାଯାଇପାରିବ ନାହିଁ। ସାଧାରଣତଃ ଆଇପିଏଲ୍ ମାର୍ଚ୍ଚ ମାସର ଶେଷ ସପ୍ତାହରେ ଆରମ୍ଭ ହୋଇ ମେ’ ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲିଥାଏ।

ଆଇପିଏଲ୍ ମାର୍ଚ୍ଚ ୨୮ ତାରିଖରେ ଆରମ୍ଭ ହୋଇ ୩୧ ମେ’ରେ ଶେଷ ହୋଇଥିଲା। ମେ’ ୧୫ ପୂର୍ବରୁ ଟୁର୍ନାମେଣ୍ଟ ଶେଷ କରିବାକୁ ଯୋଜନା ଚାଲିଛି। କାରଣ ଏହାପରେ ପ୍ରାକ୍ ମୌସୁମୀ ବର୍ଷା ହୁଏ। ଅନ୍ୟପକ୍ଷେ ଗରମ ପାଣିପାଗ ଉଭୟ ଖେଳାଳି ଓ ଦର୍ଶକଙ୍କ ଲାଗି ଅନୁକୂଳ ନୁହେଁ। ଏଣୁ ବିସିସିଆଇ ଓ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ମଧ୍ୟରେ ଆଗୁଆ ଆଇପିଏଲ୍ ଆରମ୍ଭ କରିବା ସମ୍ପର୍କରେ ଆଲୋଚନା ଚାଲିଥିବା ଜଣାପଡିଛି।

## କାଉଣ୍ଟି ଚାମ୍ପିୟାନସିପରେ ଡରହମ ପାଇଁ ଖେଳିବେ ଷ୍ଟୋକ୍ସ

ନୂଆଦିଲ୍ଲୀ,୨୦।୬: ଇଂଲଣ୍ଡର ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ଖୁବ୍ ଶୀଘ୍ର ଘରୋଇ କ୍ରିକେଟରେ ଖେଳିବା ନଜର ଆସିବେ। ଇଂଲଣ୍ଡର ଏହି ଷ୍ଟାର ଅଲରାଉଣ୍ଡରଙ୍କୁ ଡରହମର ଟିମରେ ସାମିଲ କରାଯାଇଛି।



ସେ ଶୁକ୍ରବାର ଠାରୁ ଚେଷ୍ଟର-ଲେ-ଷ୍ଟ୍ରିଟରେ ନର୍ଥାମ୍ପଟନଶାୟାର ବିପକ୍ଷରେ ହେବାକୁ ଥିବା କାଉଣ୍ଟି ଚାମ୍ପୟନସିପ ମ୍ୟାଚରେ ଖେଳିବେ। ଷ୍ଟୋକ୍ସ ଏହି ସିଜନରେ ଡରହମ ପାଇଁ ତାଙ୍କର ୩ୟ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଚାଲୁ ଥିବା ଓଭାଲ ଟେଷ୍ଟ ସହ ହିଁ ଖେଳା ଯିବ। ଲର୍ଡ୍ସରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ବିଜୟ ପରେ ଇଂଲଣ୍ଡର ନାଇଟକ୍ଲବରେ ହୋଇଥିବା ଘଟଣା କାରଣରୁ, ଷ୍ଟୋକ୍ସ ଓ ଦ୍ରୁତ ବୋଲର ଗସ୍ ଏଟକିନସନଙ୍କୁ ସିରିଜର ୨ୟ ଟେଷ୍ଟ ପାଇଁ ଚୟନ କରାଯାଇ ନଥିଲା।

ଏହି ଦୁଇ ଖେଳାଳି ନାଇଟକ୍ଲବର ଏକ ଘଟଣାରେ ସାମିଲ ଥିଲେ। ଏହି ଘଟଣାରେ ସାରାସେନ୍ସ ରଗବୀ କ୍ଲବର ଖେଳାଳି ଟୋଟୋଆ ଆଭା ମଧ ସାମିଲ ଥିଲେ, ଯିଏକି କଥିତ ଭାବେ ଏକ ମୁଥା ମାରି ଥିଲେ, ଯେଉଁଥିରେ ଷ୍ଟୋକ୍ସ ଓ ଏଟକିନସନଙ୍କ ସହ ଥିବା ଇସିବି ସୁରକ୍ଷା ଅଧିକାରୀ ଆହତ ହୋଇ ଥିଲେ। ଅନୁଭବୀ ବ୍ୟାଟ୍ସମ୍ୟାନ ଜୋ ରୁଟଙ୍କୁ ଷ୍ଟୋକ୍ସଙ୍କ କାରଣରୁ ମଧ୍ୟବର୍ତ୍ତିକାଳୀନ ଅଧିନାୟକ ନିଯୁକ୍ତ କରାଯାଇଛି। ଦ୍ୱିତୀୟ ଟେଷ୍ଟ ୧୭ରୁ ୨୧ ଜୁନ ଯାଏ ‘ଦ ଓଭାଲ’ରେ ଖେଳା ଯାଉଛି। ଇସିବି ଜାରି ବିବୃତ୍ତିରେ କହିଥିଲା, ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ନିଶ୍ଚିତ କରେ ଯେ, ଜାରି ଯାଞ୍ଚକୁ ନଜରରେ ରଖି, ବେନ ଷ୍ଟୋକ୍ସ ଓ ଗସ ଏଟକିନସନଙ୍କୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଦ୍ୱିତୀୟ ଟେଷ୍ଟରେ ଚୟନ ପାଇଁ ଉପଲବ୍ଧ ନଥିବା ବିବେଚନା କରାଯାଇଛି। ଏହି ମ୍ୟାଚ୍ ୧୭ ଜୁନରୁ ଓଭାଲରେ ଆରମ୍ଭ ହେବ। ୟାର୍କଶରର ବ୍ୟାଟ୍ସମ୍ୟାନ ଜୋ ରୁଟ୍ ମଧ୍ୟବର୍ତ୍ତୀକାଳୀନ ଅଧିନାୟକ ଭାବେ ଦଳର ନେତୃତ୍ୱ ନେବେ।

## ଫିଫା ବିଶ୍ୱକପରେ ପ୍ରଥମ ରେଡ କାର୍ଡ

ୱାଶିଂଟନ : ଫୁଟବଲ ଇତିହାସର ଗୋଟିଏ ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛନ୍ତି ପାରାଗୁଏର ମିଗୁଏଲ ଅଲମିରନ। ସେ ଫୁଟବଲ ତଥା ଫିଫା ବିଶ୍ୱକପ ଇତିହାସ ପ୍ରଥମ ଖେଳାଳି ଭାବେ ନିକଟରେ ଲାଗୁ ହୋଇଥିବା ନୂଆ ନିୟମ ପାଇଁ ରେଡ କାର୍ଡ ପାଇଛନ୍ତି।ତୁର୍କୀ ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ଅଲମିରନ ପ୍ରତିପକ୍ଷ ଖେଳାଳିଙ୍କ ସହ ଯୁକ୍ତି କରିବା ବେଳେ ମୁହଁରେ ହାତ ରଖି ଦେଇ ବୟାନବାଜୀ କରିଥିଲେ। ଏଥିପାଇଁ ତାଙ୍କୁ ରେଡ କାର୍ଡ ମିଳିଛି ଓ ସେ ମ୍ୟାଚ ଅଧାରୁ ପଡିଆ ଛାଡିଥିବାକୁ ବାଧ୍ୟ ହୋଇଛନ୍ତି। ଫିଫାର ନୂଆ ନିୟମ ବଳରେ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଲମିରନ ଅଧାରୁ ବାଦ ପଡିବାରୁ ଶେଷରେ ପାରାଗୁଏ ୧୦ ଜଣଙ୍କୁ ନେଇ ମ୍ୟାଚ ଖେଳିଥିଲା। ନ୍ୟୁକାସଲର ପୂର୍ବତନ ଖେଳାଳି ଅଲମିରନ୍ ଶୁକ୍ରବାର କାଲିଫୋର୍ନିଆର ସାଣ୍ଟା କ୍ଲାରାରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ୨୦୨୬ର ମ୍ୟାଚ୍‌ରେ ତୁର୍କୀ ବିପକ୍ଷରେ ମୈଦାନକୁ ଓହ୍ଲାଇଥିଲେ।ପ୍ରଥମ ହାଫର ଶେଷ ଭାଗରେ ଅଲମିରନ ଓ ତୁର୍କୀର ମର୍ଟ ମୁଲଡୁରଙ୍କ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଅଲମିରନ୍ ନିଜ ମୁହଁରେ ହାତ ରଖି କିଛି ଶବ୍ଦ ମୁଲଡୁରଙ୍କ ବିପକ୍ଷରେ ପ୍ରୟୋଗ କରିଥିଲେ। ଏନେଇ ମୁଲଡୁର ତୁରନ୍ତ ରେଫରୀଙ୍କୁ ଅବଗତ କରାଇଥିଲା। ସେ ଭିଡିଓ ରେଫରାଲ ଜରିଆରେ ଘଟଣାକୁ ପୁଣି ଦେଖିଥିଲେ। ଅଲମିରନ ମୁହଁ ହାତ ରଖି କିଛି କହୁଥିବା ଜଣାପଡିବା କ୍ଷଣି ରେଫରୀ ତାଙ୍କୁ ରେଡ କାର୍ଡ ଦେଖାଇଥିଲେ। ସେ ରେଫରୀଙ୍କୁ ବୁଝାସୁଝା କରିଥିଲେ ହେଁ କିଛି ବି ଲାଭ ମିଳି ନଥିଲା। ଶେଷରେ ତାଙ୍କୁ ନିରାଶ ହୋଇ ବିଶ୍ୱର ପ୍ରଥମ ଖେଳାଳି ଭାବେ ଏପରି ଏକ ଆଚରଣ ପାଇଁ ପଡିଆ ଛାଡିବାକୁ ପଡିଥିଲା। ଫିଫା ଏପ୍ରିଲ୍ ମାସରେ ଘୋଷଣା କରିଥିଲା ଯେ, ପ୍ରତିପକ୍ଷ ଟିମର ଖେଳାଳି କିମ୍ବା ସଦସ୍ୟଙ୍କ ସହ ବିବାଦ ସମୟରେ ଯଦି କେହି ମୁହଁ ଢାଙ୍କି ଶବ୍ଦ ପ୍ରୟୋଗ କରିବେ, ତା’ହେଲେ ସେହି ସଦସ୍ୟ ବା ଖେଳାଳିଙ୍କୁ ସିଧାସଳଖ ରେଡ କାର୍ଡ ଦିଆଯିବ। ବାସ୍ତବରେ ବର୍ଣ୍ଣବୈଷମ୍ୟ ଓ ଜାତି ଭିତ୍ତିକ ଟିପ୍ପଣୀକୁ ରୋକିବା ପାଇଁ ଏହି ନୂଆ ନିୟମ ଫିଫା ଲାଗୁ କରିଛି।

# ଦିନିକିଆକୁ ଫେରିବେ କୋହଲି

ନୂଆଦିଲ୍ଲୀ,୨୦।୦୬; ଜୁଲାଇ ୨୦୨୬ରେ ଖେଳାଯିବାକୁ ଥିବା ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ଭାରତୀୟ ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ସମ୍ପ୍ରତି ଚୟନକର୍ତ୍ତା କେବଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ଦଳ ଘୋଷଣା କରିଛନ୍ତି। ଦିନିକିଆ ଦଳ ସମ୍ପର୍କରେ ନିଷ୍ପତ୍ତି ସ୍ଥଗିତ ରଖାଯାଇଛି । ଏବେ, ଏହି ମାମଲାରେ ନୂତନ ସୂଚନା ସାମ୍ନାକୁ ଆସୁଛି । ଆସନ୍ତା ସପ୍ତାହରେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଟିମ୍ ଇଣ୍ଡିଆ ଘୋଷଣା ହୋଇପାରେ । ଆହତ ହୋଇ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜରୁ ବାଦ ପଡିଥିବା ବିରାଟ କୋହଲିଙ୍କର କମବ୍ୟାକ୍ ହୋଇପାରେ।



ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଟିମ୍ ଇଣ୍ଡିଆର ଏକଦିବସୀୟ ଦଳ ଚୟନ ଏବଂ ଆନୁଷ୍ଠାନିକ ଘୋଷଣା ଜୁନ୍ ୨୧ ସୁଦ୍ଧା ହୋଇପାରେ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଜୁଲାଇ ୧୪ରୁ ୧୯ ଯାଏ ଖେଳାଯିବ ।ଜାତୀୟ ଗଣମାଧ୍ୟମ ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁସାରେ, ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି ଯେ, ଆସନ୍ତା ତିନିରୁ ଚାରି ଦିନ ମଧ୍ୟରେ ଚୟନ କମିଟି ବୈଠକ ଅନୁଷ୍ଠିତ ହେବ, ଯେଉଁଥିରେ ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଏକଦିବସୀୟ ଦଳ ସମ୍ପର୍କରେ ନିଷ୍ପତ୍ତି ନିଆଯିବ । ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ବର୍ମିଂହାମ, କାର୍ଡିଫ୍ ଏବଂ ଲର୍ଡସରେ ଖେଳାଯିବ। ଏହି ଗସ୍ତକୁ ଭାରତୀୟ କ୍ରିକେଟର ଦୁଇ ବଡ଼ ତାରକା ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପାଇଁ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଉଛି । ରୋ-କୋ କେବଳ ଦିନିକିଆ ଫର୍ମାଟରେ ଖେଳୁଛନ୍ତି। ଏହା ସେମାନଙ୍କ ଶେଷ ଇଂଲଣ୍ଡ ଗସ୍ତ ବୋଲି ବିବେଚନା କରାଯାଉଛି । ଆଗକୁ ୨୦୨୭ ବିଶ୍ୱକପ ଥିବାରୁ ଦୁହିଁଙ୍କ ଉପରେ ଫୋକସ୍ ରହିଛି ।ବିରାଟଙ୍କ ଫିଟନେସକୁ ନେଇ ବଡ଼ ଅପଡେଟ୍- ଭାରତୀୟ ଦଳ ଏବଂ ପ୍ରଶଂସକଙ୍କ ପାଇଁ ବିରାଟ କୋହଲିଙ୍କ ଫିଟନେସ୍ ସମ୍ପର୍କରେ ସବୁଠାରୁ ଆଶ୍ୱସ୍ତିକର ଖବର ଆସିଛି । ହାମଷ୍ଟ୍ରିଙ୍ଗ୍ ଆଘାତ ଯୋଗୁଁ ଆଫଗାନିସ୍ତାନ ବିପକ୍ଷ ଦିନିକିଆରୁ ବାଦ ପଡିଥିବା ବିରାଟ ସୁସ୍ଥ ହେଉଛନ୍ତି ।

ଜାନୁଆରୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ ବିରାଟ। ଉକ୍ତ ସିରିଜରେ ସେ ୮୦ ପ୍ରଭାବଶାଳୀ ହାର ଏବଂ ୧୦୫.୨୬ ଷ୍ଟ୍ରାଇକ୍ ରେଟ୍ ସହିତ ୨୪୦ ରନ କରିଥିଲେ। ସେ ଭାରତୀୟ ଦଳ ପାଇଁ ସର୍ବାଧିକ ରନ୍ ସ୍କୋରର ଥିଲେ। ଚଳିତ ଆଇପିଏଲରେ ବି ବିରାଟ କୋହଲିଙ୍କ ବ୍ୟାଟ୍ ଗର୍ଜିଥିଲା । ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ହୁଅନ୍ତି, ତେବେ ଏହା ଇଂଲଣ୍ଡ ବିପକ୍ଷ ଏକଦିବସୀୟ ସିରିଜରେ ଭାରତୀୟ ବ୍ୟାଟିଂକୁ ଆହୁରି ମଜବୁତ କରିବ। ସମସ୍ତଙ୍କ ନଜର ଏବେ ଚୟନ କମିଟି ବୈଠକ ଏବଂ ଆଗାମୀ ଦଳ ଘୋଷଣା ଉପରେ ରହିଛି ।

# ମହିଳା ବିଶ୍ୱକପରୁ ବାଦ୍ ପଡିଲେ ଶ୍ରେୟଙ୍କା

ନୂଆଦିଲ୍ଲୀ,୨୦।୦୬; ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ଟିମ୍ ଇଣ୍ଡିଆକୁ ଶକ୍ତ ଧକ୍କା ଲାଗିଛି । ସ୍ପିନର ଶ୍ରେୟଙ୍କା ପାଟିଲ୍ ଆଘାତ ପାଇଁ ବିଶ୍ୱକପରୁ ବାଦ ପଡିଛନ୍ତି । ବିଶ୍ୱକପରେ ଦ୍ୱିତୀୟ ମ୍ୟାଚରେ ନେଦରଲାଣ୍ଡସ ବିପକ୍ଷରେ ଗୁରୁତର ଆହତ ହୋଇଥିଲେ ଶ୍ରେୟଙ୍କା । ଆଇସିସି ତାଙ୍କ ବଦଳ ଖେଳାଳିଙ୍କ ନାମ ମଧ ଘୋଷଣା କରିଛି । ଶ୍ରେୟଙ୍କା ୱିକେଟ୍ ନେବାରେ ଭାରତର ଜଣେ ବଡ଼ ବିକଳ୍ପ ଥିଲେ । ସେ ବାଦ ପଡିବା ଟିମ୍ ଇଣ୍ଡିଆ ପାଇଁ ବଡ଼ ଝଟକା ହୋଇଛି । ତାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ୨୪ ବର୍ଷୀୟ ଲେଗ୍ ସ୍ପିନର ପ୍ରେମା ରାୱତଙ୍କୁ ସାମିଲ କରାଯିବ । ରାୱତ ଗତ ଦୁଇ ସିଜିନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ୬ଟି ମହିଳା ପ୍ରିମିୟର ଲିଗ୍ ମ୍ୟାଚ୍ ଖେଳି ୩ଟି ୱିକେଟ୍ ନେଇଛନ୍ତି ।



ଶ୍ରେୟଙ୍କା ଆଙ୍କଲ୍ ଇନଜୁରୀ- ଜୁନ୍ ୧୭ ତାରିଖରେ ଭାରତ ବନାମ ନେଦରଲାଣ୍ଡ୍ସ ମ୍ୟାଚ ଖେଳାଯାଇଥିଲା । ଏହି ମ୍ୟାଚରେ ଗୁରୁତର ଆହତ ହୋଇଥିଲେ ଶ୍ରେୟଙ୍କା । ତୁରନ୍ତ ତାଙ୍କୁ ସ୍କାନ ପାଇଁ ନିଆଯାଇଥିଲା । ମିଡ୍ ଅନ ଆଡକୁ ବଲର ପିଛା କରିବା ସମୟରେ ତାଙ୍କ ପାଦ ମୋଡି ହୋଇଯାଇଥିଲା । ତାଙ୍କ ଯନ୍ତ୍ରଣା ପଡିଆରେ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଥିଲା । ସେ ତାଙ୍କ ଡାହାଣ ଗୋଡକୁ ଧରିଥିଲେ । ଉଠି ପାରିନଥିଲେ । ଦଳର ଫିଜିଓ ଏକ ଷ୍ଟ୍ରେଚରରେ ତାଙ୍କୁ ପଡିଆ ବାହାରକୁ ନେଇଥିଲେ । ପାକିସ୍ତାନ ବିପକ୍ଷ ପ୍ରଥମ ମ୍ୟାଚରେ ଚମତ୍କାର ବୋଲିଂ କରିଥିଲେ ଶ୍ରେୟଙ୍କା । ୱିକେଟ୍ ନେଇଥିଲେ କିନ୍ତୁ ପାକିସ୍ତାନ ବିପକ୍ଷରେ ମାତ୍ର ୧୭ ରନ୍ ଦେଇଥିଲେ ।

ବଦଳ ଖେଳାଳି ପ୍ରେମା ରାୱତ- ଆଇସିସି ଶ୍ରେୟଙ୍କା ପାଟିଲଙ୍କ ସ୍ଥାନରେ ପ୍ରେମା ରାୱତଙ୍କ ବିଶ୍ୱକପ ଦଳରେ ସାମିଲ କରିବା ନେଇ ଘୋଷଣା କରିଛି । ପ୍ରେମା ଜଣେ ଅନକ୍ୟାପ୍ ଖେଳାଳି । ଏପର୍ଯ୍ୟନ୍ତ ସେ ଅନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ଗୋଟିଏ ବି ମ୍ୟାଚ୍ ଖେଳିନାହାନ୍ତି । ଡବ୍ଲୁପିଏଲରେ ତାଙ୍କ ବୋଲିଂ ଦ୍ୱାରା ଅନେକଙ୍କୁ ପ୍ରଭାବିତ କରିଛନ୍ତି । ବିଶ୍ୱକପ ପରି ବଡ଼ ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଚାନ୍ସ ମିଳିପାରେ । ପ୍ରେମା ରାୱତ ମହିଳା ପ୍ରିମିୟର ଲିଗ୍ ଏବଂ ଏସିଆ କପ୍ ରାଇଜିଂ ଷ୍ଟାର୍ସରେ ଭଲ ପ୍ରଦର୍ଶନ କରିଛନ୍ତି । ଭାରତ ଏ ପାଇଁ ୯.୬୨ ହାରରେ ୮ଟି ୱିକେଟ୍ ନେଇଛନ୍ତି । ଡେବ୍ୟୁ ଅପେକ୍ଷାରେ ପ୍ରେମା ।

ଭାରତର ବିଶ୍ୱକପ ଅଭିଯାନ କଥା କହିବାକୁ ଗଲେ ଜୁନ୍ ୧୪ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରରେ ଖେଳିଥିବା ଭାରତ । ପାକିସ୍ତାନକୁ ହରାଇ ବିଜୟକୁ ଅଭିଯାନ ଆରମ୍ଭ କରିଥିଲା ଟିମ୍ ହରମନପ୍ରୀତ । ସେହିପରି ଜୁନ୍ ୧୭ ତାରିଖରେ ଦ୍ୱିତୀୟ ମ୍ୟାଚରେ ନେଦରଲାଣ୍ଡ୍ସ ବିପକ୍ଷରେ ବିଶାଳ ବିଜୟ ହାସଲ କରିଥିଲା । ବ୍ୟାକ୍ ଟୁ ବ୍ୟାକ୍ ଦୁଇଟି ବିଜୟ ସହିତ ଭାରତ ୪ ପଏଣ୍ଟ ହାସଲ କରି ଗ୍ରୁପ ଏରେ ଶୀର୍ଷ ସ୍ଥାନ ଦଖଲ କରିଛି । ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ ଏବଂ ତୃତୀୟରେ ଦକ୍ଷିଣ ଆଫ୍ରିକା ରହିଛି । ଆସନ୍ତା ଜୁନ୍ ୨୧ ତାରିଖରେ ସାଉଥ୍ ଆଫ୍ରିକା ବିପକ୍ଷରେ ଖେଳିବ ଟିମ୍ ଇଣ୍ଡିଆ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ